

ବିଜେଡି ଏମ୍‌ପି ପ୍ରାର୍ଥିନୀ ମଞ୍ଜୁଳତା ମଣ୍ଡଳ ନାମାଙ୍କନ ଦାଖଲ କରୁଛନ୍ତି।



ଭାଜପାରୁ ଲୋକ ସଭା ପ୍ରାର୍ଥୀ ଅଭିମନ୍ୟୁ ସେଠୀ ପ୍ରାର୍ଥୀପତ୍ର ଦେଉଛନ୍ତି।



ବିଜେଡି ବିଧାୟକ ପ୍ରାର୍ଥୀ ସଞ୍ଜୀବ ମଲ୍ଲିକ ରିଟର୍ନିଂ ଅଫିସରଙ୍କୁ ନାମାଙ୍କନପତ୍ର ଦେଉଛନ୍ତି।



ବିଧାୟକ ପ୍ରାର୍ଥୀ ବ୍ୟୋମକେଶ ରାୟ ପ୍ରାର୍ଥୀପତ୍ର ଦାଖଲ କରୁଛନ୍ତି।



ନାମାଙ୍କନ ଦାଖଲ ପାଇଁ ଶୋଭାଯାତ୍ରାରେ ଯାଉଛନ୍ତି ଭାଜପା ବିଧାୟକ ପ୍ରାର୍ଥୀ ମନମୋହନ ସାମଲ।



କଂଗ୍ରେସର ବିଧାୟକ ପ୍ରାର୍ଥୀ ନିରଞ୍ଜନ ପଟ୍ଟନାୟକ ନାମାଙ୍କନପତ୍ର ଦାଖଲ କରୁଛନ୍ତି।



ରିଟର୍ନିଂ ଅଫିସରଙ୍କୁ ନାମାଙ୍କନପତ୍ର ଦେଉଛନ୍ତି ଭାଜପା ବିଧାୟକ ପ୍ରାର୍ଥୀ ସୁଧାଂଶୁ ଶେଖର ନାୟକ।



କଂଗେସର ବାସୁଦେବପୁର ବିଧାୟକ ପ୍ରାର୍ଥୀ ଅଶୋକ ଦାସ ନାମାଙ୍କନ ଦାଖଲ କରୁଛନ୍ତି।

# ନାମାଙ୍କନ କଲେ ହେଭିୱେଟ୍

## ଭଦ୍ରକ ସହର ଲୋକାରଣ୍ୟ, ରୋଡ୍‌ଶୋରେ ଟ୍ରାଫିକ ଜାମ୍

**ଭଦ୍ରକ/ବନ୍ତ/ବାସୁଦେବପୁର,୧୦।୫ (ସନାତନ ରାଉତ/ରବିନାରାୟଣ ଖିଲାର/ହରିନାରାୟଣ ମହାନ୍ତି/ନାରାୟଣ ପ୍ରସାଦ ବାରିକ)**

ସାଧାରଣ ନିର୍ବାଚନ ପାଇଁ ଶୁକ୍ରବାର ଥିଲା ନାମାଙ୍କନର ୪ର୍ଥ ଦିନ। ଭଦ୍ରକ ଲୋକ ସଭା ଆସନ ଲାଗି ୪ ଓ ୫ ବିଧାନସଭା ଆସନ ପାଇଁ ୧୦ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଲୋକ ସଭା ପ୍ରାର୍ଥୀ ଭାବେ ବିଜେଡିରୁ ଏମ୍‌ପି ମଞ୍ଜୁଳତା ମଣ୍ଡଳ ଓ ଭାଜପା ପ୍ରାର୍ଥୀ ରାଜ୍ୟ ସମ୍ପାଦକ ଅଭିମନ୍ୟୁ ସେଠୀ ଜିଲା ମୁଖ୍ୟ ନିର୍ବାଚନ ଅଧିକାରୀ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ନିକଟରେ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ମଞ୍ଜୁଳତାଙ୍କ ସହ ବିଧାୟକ ପ୍ରଫୁଲ୍ଲ ସାମଲ, ବିଷ୍ଣୁବ୍ରତ ରାଉତରାୟ, ଧାମନଗର ବିଧାୟକ ପ୍ରାର୍ଥୀ ଡା. ସଞ୍ଜୟ ଦାସ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ଅଭିମନ୍ୟୁଙ୍କ ସହ ଭାଜପାର ଭଦ୍ରକ ବିଧାୟକ ପ୍ରାର୍ଥୀ ସିତାଂଶୁ ଶେଖର ମହାପାତ୍ର, ମଳୟ ଜେନା, ଭଗବାନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ହେଭିୱେଟ୍ ନେତା ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଓ ବିଜେଡିରୁ ବିଧାୟକ ବ୍ୟୋମକେଶ ରାୟ ଚାନ୍ଦବାଲି ନିର୍ବାଚନମଣ୍ଡଳୀ ପାଇଁ ଜିଲା ପରିଷଦ କାର୍ଯ୍ୟାଳୟରେ ରିଟର୍ନିଂ ଅଫିସର ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତଙ୍କ ନିକଟରେ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ଭଣ୍ଡାରିପୋଖରୀ ବିଧାନସଭା କ୍ଷେତ୍ର ପାଇଁ କଂଗ୍ରେସରୁ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ବିଜେଡି ପ୍ରାର୍ଥୀ ବିଧାୟକ ସଞ୍ଜୀବ ମଲ୍ଲିକ ଓ ଭାଜପା ପ୍ରାର୍ଥୀ ଡ. ସୁଧାଂଶୁ ଶେଖର ନାୟକ ଜିଲାପାଳଙ୍କ କାର୍ଯ୍ୟାଳୟରେ ରିଟର୍ନିଂ ଅଫିସର ଅତିରିକ୍ତ ଜିଲାପାଳ ସମ୍ବିତ କୁମାର ଗଡ଼ନାୟକଙ୍କ ନିକଟରେ ନାମାଙ୍କନ ଭରିଛନ୍ତି।

ସେହିପରି ବାସୁଦେବପୁର ବିଧାନସଭା ପାଇଁ ଜିଲା କଂଗ୍ରେସ ସଭାପତି ଅଶୋକ ଦାସ ଓ ଭାଜପା ପ୍ରାର୍ଥୀ ବାଣୀକଲ୍ୟାଣ ମହାନ୍ତି ରିଟର୍ନିଂ ଅଫିସର ଅତିରିକ୍ତ ଜିଲାପାଳ ଶାନ୍ତନୁ କୁମାର ମହାନ୍ତିଙ୍କ ନିକଟରେ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ହେଭିୱେଟ୍ ନେତାଙ୍କ ରୋଡ୍‌ଶୋରେ ଭଦ୍ରକ ସହରର ସମସ୍ତ ରାସ୍ତା ଦୀର୍ଘ ସମୟ ଧରି ଟ୍ରାଫିକ୍ ଜାମ୍ ହେବା ସହ ପୂରା ସହର ଲୋକାରଣ୍ୟ ହୋଇଥିଲା। ଭଦ୍ରକ ସହରକୁ ସଂଯୋଗ କରୁଥିବା ଆଗରପଡ଼ା, ବନ୍ତ, ବାସୁଦେବପୁର, ଚାନ୍ଦବାଲି, ଭଣ୍ଡାରିପୋଖରୀର ସମସ୍ତ ରାସ୍ତା ବିଭିନ୍ନ ଦଳୀୟ କର୍ମୀଙ୍କ ଶୋଭାଯାତ୍ରାରେ ଜାମ୍ ହୋଇଥିଲା। ସେହିପରି ଲୋକ ସଭା ଆସନ ପାଇଁ ସ୍ୱାଧୀନ ପ୍ରାର୍ଥୀ ଭାବେ ସର୍ବେଶ୍ୱର ବେହେରା ଏବଂ ଏସ୍‌ୟୁସିଆଇ କମ୍ୟୁନିଷ୍ଟ ପାର୍ଟିର କୀର୍ତ୍ତନ ବିହାରୀ ମଲ୍ଲିକ ନାମାଙ୍କନ ଭରିଛନ୍ତି। ଭଣ୍ଡାରିପୋଖରୀ ନିର୍ବାଚନମଣ୍ଡଳୀ ପାଇଁ ସ୍ୱାଧୀନ ବିଧାୟକ ପ୍ରାର୍ଥୀ ଦିଗମ୍ବର ସ୍ୱାଇଁ, ଚାନ୍ଦବାଲି ନିର୍ବାଚନମଣ୍ଡଳୀ ଲାଗି ସ୍ୱାଧୀନ ପ୍ରାର୍ଥୀ ବିକାଶ ଚନ୍ଦ୍ର ସାହୁ ଓ ବହୁଜନ ସମାଜବାଦୀ ପାର୍ଟି ପକ୍ଷରୁ ଶୈଳ କୁମାର ଦାସ ନାମାଙ୍କନ ଦାଖଲ କରିଛନ୍ତି।

## ବିବାହ ଉତ୍ସବକୁ ଯାଉଥିଲେ, ବାଟରେ ଚାଲିଗଲା ଜୀବନ

**ବାସୁଦେବପୁର,୧୦।୫ (ନାରାୟଣ ପ୍ରସାଦ ବାରିକ୍)**

ଏକ ବିବାହ ଉତ୍ସବକୁ ଯାଉଥିଲେ, ବାଟରେ ଚାଲିଗଲା ଯୁବକ ଜୀବନ। ବାସୁଦେବପୁର ପୌରପାଳିକା ଅଧୀନ ଭୈରବପୁର ଗ୍ରାମର ଜଣେ ଯୁବକଙ୍କ ଗୁରୁବାର ବିଳମ୍ବିତ ରାତିରେ ସମ୍ବଲପୁରଠାରେ ଏକ କାର୍ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ମୃତକ ହେଉଛନ୍ତି ବାସୁଦେବ ତ୍ରିପାଠୀଙ୍କ ପୁଅ ବିଶ୍ୱଜିତ୍(୩୦)। ସେ କାର୍ ଯୋଗେ ସାଙ୍ଗମାନଙ୍କ ସହ ଏକ ବିବାହ ଉତ୍ସବରେ ଯୋଗଦେବାକୁ ସମ୍ବଲପୁର ଅଭିମୁଖେ ଯାଇଥିଲେ। ରାସ୍ତାରେ କାର୍‌ଟି ଦୁର୍ଘଟଣାଗ୍ରସ୍ତ ହେବା ପରେ ସେଠାରେ ତାଙ୍କର ମୃତ୍ୟୁ ଘଟିଛି। କାର୍‌ରେ ଥିବା ଅନ୍ୟ ୩ ଯୁବକ ଆହତ ହୋଇଛନ୍ତି। ବିଶ୍ୱଜିତ୍ ମେଳାପୀ, ଶାନ୍ତ ଓ ସରଳ ସ୍ୱଭାବର ଥିଲେ। ତାଙ୍କ ଅକାଳ ମୃତ୍ୟୁରେ ଗାଁରେ ଶୋକର ଛାୟା ଖେଳିଯାଇଛି।

## ବିପଦ ସାଜିଛି ମୁକୁଳା ବିଦ୍ୟୁତ୍ ଟ୍ରାନ୍ସଫର୍ମର



ରାଢ଼ୋ ପୋଖରୀଆଡ଼ିଠାରେ ଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମର।

**ଭଣ୍ଡାରିପୋଖରୀ,୧୦।୫ (ରାଜେନ୍ଦ୍ର ଶତପଥୀ)**

ଭଣ୍ଡାରିପୋଖରୀ ବ୍ଲକର ରହଣିଆ ପଞ୍ଚାୟତ ରାଢ଼ୋ ପୋଖରୀଆଡ଼ିଠାରେ ଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମର ମୁକୁଳା ପଡ଼ିଛି। ଟ୍ରାନ୍ସଫର୍ମରକୁ ଲାଗି ଏକ ସଂକୀର୍ଣ୍ଣ ପାଦଚଲା ରାସ୍ତା ରହିଥିବା ବେଳେ ଏହି ପଥ ଦେଇ ଲୋକେ ନିକଟ ଚାଷଜମିକୁ ଯାତାୟାତ କରନ୍ତି। ଏହାବ୍ୟତୀତ ଆଖପାଖ ବାସିନ୍ଦା ଏହି ରାସ୍ତା ଦେଇ ମୁଖ୍ୟରାସ୍ତା ଓ ଦୋକାନ ବଜାରକୁ ଯାଇଥାନ୍ତି। ଭଣ୍ଡାରିପୋଖରୀ ମଣିନାଥପୁର ପୂର୍ତ୍ତ ବିଭାଗ ରାସ୍ତା ପାଖରେ ଏହି ମୁକୁଳା ଟ୍ରାନ୍ସଫର୍ମର ରହିଛି। ଦୀର୍ଘ ୨୦ ବର୍ଷ ହେଲା ଏଭଳି ଅବସ୍ଥାରେ ଟ୍ରାନ୍ସଫର୍ମରଟି ରହିଥିବା ବେଳେ କେତେବେଳେ ଯେ ଦୁର୍ଘଟଣା ଘଟିବାର ଆଶଙ୍କା ରହିଛି। ସାଧାରଣ ଲୋକଙ୍କ ସୁରକ୍ଷା ପାଇଁ ଏଠାରେ ତୁରନ୍ତ ପାଚେରି ନିର୍ମାଣ ପାଇଁ ଦାବି ହୋଇଛି। ଏନେଇ ବିଦ୍ୟୁତ୍ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଶ୍ରୀକାନ୍ତ କୁମାର ପାଢ଼ୀଙ୍କୁ ପଚାରିବାରୁ ତୁରନ୍ତ ଠିକାସଂସ୍ଥା କାର୍ଯ୍ୟ ଆରମ୍ଭ କରିବ ବୋଲି କହିଛନ୍ତି।

## ସ୍କୁଟି ଯାଞ୍ଚ ବେଳେ ବ୍ରାଉନସୁଗାର ଜବତ

### ମହିଳାଙ୍କ ସମେତ ୨ ଗିରଫ

**ଭଦ୍ରକ,୧୦।୫ (ସନାତନ ରାଉତ)**

ସାଧାରଣ ନିର୍ବାଚନକୁ ଅବାଧ, ମୁକ୍ତ କରିବା ପାଇଁ ଭଦ୍ରକ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ବିଭାଗ ପକ୍ଷରୁ ଧରପଗଡ଼ କରାଯାଉଛି। ଜିଲା ଅବକାରୀ ବିଭାଗ ପକ୍ଷରୁ ଅବକାରୀ ନିରୀକ୍ଷକ ପ୍ରଶାନ୍ତ କୁମାର ମହାନ୍ତି ଓ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ଶ୍ରୀକାନ୍ତ ମୁର୍ମୁଙ୍କ ନେତୃତ୍ୱରେ ଗଠିତ ଏକ ସ୍ୱତନ୍ତ୍ର ଟିମ୍ ଦ୍ୱାରା ଶୁକ୍ରବାର ୩୭ ଗ୍ରାମ୍ ବ୍ରାଉନସୁଗାର ଜବତ ସହ ୨ ଜଣଙ୍କୁ ଗିରଫ କରାଯାଇଛି। ଭଦ୍ରକ ଟାଉନ ଥାନା ଅଧୀନ ବାଗୁରାଇ ମେଡିକାଲ ନିକଟରେ ପାଟ୍ରୋଲିଂ ସମୟରେ ଏକ ସ୍କୁଟିରେ ଜଣେ ଯୁବକ ଓ ମହିଳା ଆସୁଥିବା ବେଳେ ଯାଞ୍ଚ କରାଯାଇଥିଲା। ସ୍କୁଟିରୁ ବ୍ରାଉନସୁଗାର ସହ ୧୨,୧୦୦ ଟଙ୍କା ଜବତ ହୋଇଥିଲା। ଏନେଇ ମାମଲା (ନଂ.୩୩/୨୪-୨୫ ) ରୁଜୁ କରାଯାଇ ସମ୍ପୃକ୍ତ ନରିପୁର ଗ୍ରାମର ଗୀତାରାଣୀ ବେହେରା ଓ ପ୍ରଶାନ୍ତ ବେହେରାଙ୍କୁ ଗିରଫ କରାଯାଇଛି। ଜବତ ବ୍ରାଉନସୁଗାର ଓ ସ୍କୁଟିର ଆନୁମାନିକ ମୂଲ୍ୟ ୪ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି। ଏସ୍‌ଆଇ ଅଭିଳାଷ ପାଲ, ଏଏସ୍‌ଆଇ ରମେଶ ଚନ୍ଦ୍ର ନାୟକ, ଦୀପକ ରାଉତ, କନଷ୍ଟେବଲ ଅଜିତ କୁମାର ସିଙ୍କୁ, ରୁଦ୍ରନାରାୟଣ ଦାସ, ସୁଦର୍ଶନ ପଲାଇ, ପରେଶ ରୁଦ୍ଧ, ଜେମାମଣୀ ଜାମୁଡ଼ା, ଶୁଭ୍ରାମିନୀ ଦାସ ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ।

## ଭାଜପାର କାର୍ଯ୍ୟକର୍ତ୍ତା ସମ୍ମିଳନୀ, ମିଶ୍ରଣ ପର୍ବ



ଗଡ଼ିଆଳିଠାରେ ଅନୁଷ୍ଠିତ ସମ୍ମିଳନୀରେ ବିଧାୟକ ସୂର୍ଯ୍ୟବଂଶୀ ସୂରଜଙ୍କ ସହ ଭାଜପା କାର୍ଯ୍ୟକର୍ତ୍ତା ଓ ନୂତନ କର୍ମୀ।

**ଧାମନଗର(ଦେବେନ୍ଦ୍ର ଆଦ୍ଦିଆ)/ଅସୁରାଳି (ସନ୍ତୋଷ ପ୍ରଧାନ),୧୦।୫**

ଧାମନଗର ବ୍ଲକ ଅସୁରାଳି ଜିଲା ପରିଷଦ ଜୋନ୍ ଅଧୀନ ଗଡ଼ିଆଳିଠାରେ ଭାଜପା ପକ୍ଷରୁ କାର୍ଯ୍ୟକର୍ତ୍ତା ସମ୍ମିଳନୀ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଭାଜପାର ଶହୀଦ ମଣ୍ଡଳ ସଭାପତି ଅଜୟ କୁମାର ବଳଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସମ୍ମିଳନୀରେ ଧାମନଗର ବିଧାନସଭା କ୍ଷେତ୍ର ପ୍ରାର୍ଥୀ ତଥା ବିଧାୟକ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ କହିଥିଲେ, ଧାମନଗର ମାଟିର ବିକାଶ ପାଇଁ ସେ ଉଦ୍ୟମ ଜାରି ରଖିବେ। ମୋଦି ସରକାରଙ୍କ ବିବିଧ ଜନକଲ୍ୟାଣକାରୀ ଯୋଜନା ଭାଜପାକୁ ସଫଳତା ଆଣିଦେବ। ଭାଜପା ଜିଲା ସାଧାରଣ ସମ୍ପାଦକ ମନୋରଞ୍ଜନ ମଲ୍ଲିକ, କୋଠାର ସେବା ସମବାୟ ସମିତି ସଭାପତି ହରେକୃଷ୍ଣ ପାଢ଼ୀ, ମିଡିଆ ସେଲ୍ ସଂଯୋଜକ ବୈକୁଣ୍ଠ ନାଥ ସାହୁ, ସରପଞ୍ଚ ସରୋଜ ସ୍ୱାଇଁ, ସମିତିସଭ୍ୟ ଅନନ୍ତ ମିଶ୍ର, ପ୍ରାକ୍ତନ ସରପଞ୍ଚ ରାଜେନ୍ଦ୍ର କୁମାର ସାହୁ, ଯୁବନେତା ସୂରଜ ସାହୁ, ଆଇନଜୀବୀ ଗଣେଶ ଚନ୍ଦ୍ର ଦାଶ, ପୀତାମ୍ବର ମିଶ୍ର ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଗଡ଼ିଆଳି, କାସିମପୁର ପଞ୍ଚାୟତର ଅନ୍ୟ ଦଳର କର୍ମୀ ଏବଂ ମହିଳା ଲୋକ ପ୍ରତିନିଧି ଭାଜପାରେ ସାମିଲ ହୋଇଛନ୍ତି। ଶେଷଦେବ ମଲ୍ଲିକ, ଦୀନବନ୍ଧୁ ଦାସ ଅଧିକାରୀ, ଆଲୋକ ବସନ୍ତିଆ, ନିହାର ରଞ୍ଜନ ଦାସ, ସଂଗ୍ରାମ ମହାନ୍ତି, କ୍ଷୀରୋଦ ସ୍ୱାଇଁ, ଶ୍ରୀକାନ୍ତ ସାହୁ, ଅମୂଲ୍ୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଚୋରା ବାଲି ବୋଝେଇ ଗାଡ଼ିକୁ ଧରି ଛାଡ଼ିଦେଲା ପୋଲିସ

**ଧାମନଗର,୧୦।୫ (ସନ୍ତୋଷ କୁମାର ମହାପାତ୍ର)**

ଧାମନଗର ତହସିଲ ଅଧୀନ ବୈତରଣୀ ନଦୀର ବିଭିନ୍ନ ବାଲିଘାଟରୁ ବାଲି ଉତ୍ତୋଳନ ନିଷେଧ ସତ୍ତ୍ୱେ ଦୈନିକ ଚୋରା ଚାଲାଣ କରାଯାଉଛି। ଗୁରୁବାର ଧାମନଗର ପୋଲିସ ଦୋବଲ-ଧାମନଗର ରାସ୍ତାର ଖଡ଼ିପଦା ପୋଲ ପାଖରେ ଗାଡ଼ି ଯାଞ୍ଚ କରୁଥିବା ବେଳେ ଚୋରାରେ ବାଲି ନେଇ ଯାଉଥିବା ଗୋଟିଏ ଟ୍ରାକ୍ଟର ଓ ଟିପ୍ପରକୁ ଧରି କିଛି ସମୟ ପରେ ଛାଡ଼ି ଦେଇଛି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ ଏସ୍‌ଆଇ ପ୍ରଦୀପ ନାୟକଙ୍କ ସହ ଟ୍ରାକ୍ଟର ଡ୍ରାଇଭର ଓ ଟିପ୍ପର ମାଲିକଙ୍କ ଯୁକ୍ତିତର୍କ ପରେ ଗାଡ଼ି ଦୁଇଟିକୁ ଛାଡ଼ି ଦିଆଯାଇଛି। ଏସ୍‌ଆଇ ରଶ୍ମିତା ମଲ୍ଲିକ ଗାଡ଼ି ଦୁଇଟିର ଫାଇନ କଟାଯାଇ ଛାଡ଼ି ଦିଆଯାଇଥିବା କହିଥିଲେ। ହେଲେ ବାଲି ବୋଝେଇ ଗାଡ଼ି ଧରିଥିବା ଏସ୍‌ଆଇ ନାୟକ କହିଛନ୍ତି, ଗାଡ଼ି ଦୁଇଟିର ବାଲି ପରିବହନ ପାଇଁ ଆବଶ୍ୟକ କାଗଜପତ୍ର ଦେଖାଇବାରୁ ଛାଡ଼ି ଦିଆଯାଇଛି। ଉଭୟଙ୍କ କଥାରେ ତାଳମେଳ ନ ଥିବାରୁ ଏହାକୁ ନେଇ ସାଧାରଣରେ ପ୍ରଶ୍ନ ସୃଷ୍ଟି ହୋଇଛି।

ଅପରପକ୍ଷେ ବାଲିଘାଟ ନିଲାମ ନ ଥିବାରୁ ସ୍ଥାନୀୟ ଗାଡ଼ି ମାଲିକମାନେ ରାତିରେ ବାଲି ଚୋରି କରି ପୋଲ ପାଖରେ ଠୁଳ କରୁଛନ୍ତି। ସେଠାରୁ ନେଇ ବିକ୍ରି କରୁଛନ୍ତି। ଯେଉଁ ଜାଗାରେ ବାଲି ବୋଝେଇ ଗାଡ଼ି ଧରାପଡ଼ିଛି, ସେଠାରୁ ୧୦ କିଲୋମିଟର ପରିଧିରେ କୌଣସି ବାଲିଘାଟର ନିଲାମ ନାହିଁ। ଏଣୁ ବାଲି ପରିବହନ ସମ୍ପର୍କିତ କାଗଜପତ୍ର ଦେଖାଇବା ସମ୍ଭବ ନୁହେଁ। ୨ ଗାଡ଼ି ମାଲିକଙ୍କ ଘର ସେହି ନିକଟରେ ହୋଇଥିବା ବେଳେ ଆନନ୍ଦପୁର ଘାଟରୁ ବାଲି ଚୋରି ନେଇ ଦିନକ ପୂର୍ବରୁ ଜିଲା ଖଣି ଅଧିକାରୀ ଓ ସୋଧ ରାଜସ୍ୱ ନିରୀକ୍ଷକ ଆସି ତଦନ୍ତ କରିଥିଲେ। ଦୁଇ ଗାଡ଼ି କାଗଜପତ୍ର ଦେଖାଇବା ନେଇ ପୋଲିସ କହିବା ସମ୍ପୂର୍ଣ୍ଣ ମିଛ ବୋଲି ବାଲି ଚାଲାଣ ବିରୋଧରେ କୋର୍ଟରେ କେସ୍ ଲଢୁଥିବା ମନୋଜ ଦାସ କହିଛନ୍ତି।

## ସଂସ୍କୃତି, ପରମ୍ପରାକୁ ଉଜ୍ଜୀବିତ ପାଇଁ ଯୁବ ସମାଜ ଆଗଭର ହେବାକୁ ଆହ୍ୱାନ





ପୂଜ୍ୟପୂଜା ସାଂସ୍କୃତିକ ପରିଷଦର ଆଲୋଚନାଚକ୍ର ଓ କବିତା ପାଠୋତ୍ସବରେ ଅତିଥିମାନେ।

**ଧାମନଗର,୧୦।୫ (ଦେବେନ୍ଦ୍ର ଆଦ୍ଦିଆ)**

ଧାମନଗର ପୂଜ୍ୟପୂଜା ସାଂସ୍କୃତିକ ପରିଷଦର ଆଲୋଚନାଚକ୍ର ଓ କବିତା ପାଠୋତ୍ସବ ଶୁକ୍ରବାର ସନ୍ଧ୍ୟାରେ ଦୋବଲ କାଳୀବଜାରସ୍ଥିତ ବୈଦିକ ଯଜ୍ଞ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରସାନନ୍ଦ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବେ ଶିକ୍ଷାବିତ୍ କୃତିବାସ ତ୍ରିପାଠୀ, ନିରାକାର ଧଳ, ହୃଦାନନ୍ଦ କର, ପ୍ରମୋଦ ନାୟକ, ଭୋଳାନାଥ ସାହୁ, କୁଳମଣି ବେହେରା, ଭାବଗ୍ରାହୀ ଖୁଣ୍ଟିଆ, ପ୍ରଭାତ ସାମଲ, ସହଦେବ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଓଡ଼ିଶାର ସାହିତ୍ୟ, ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ କରିବା ପାଇଁ ଯୁବ ସମାଜ ଆଗଭର ହେବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ଶିକ୍ଷାବିତ୍ ମନୋଜ ଜେନା ଅତିଥି ପରିଚୟ ଦେଇଥିବା ବେଳେ ଖବରଦାତା ପ୍ରଦୀପ ମହାପାତ୍ର ଉଦ୍ଦେଶ୍ୟ ଜ୍ଞାପନ ଏବଂ ସିଦ୍ଧେଶ୍ୱର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। ପରିଷଦର କର୍ମକର୍ତ୍ତା ମନୋନୀତ କରାଯାଇଛି। ସଭାପତି ଭାବେ ଆଇନଜୀବୀ ଦେବାଶିଷ ସାମଲ, ଉପସଭାପତି ହୃଦାନନ୍ଦ, ସହଦେବ ଓ କୃଷ୍ଣଚନ୍ଦ୍ର ବେହେରା, ସାଧାରଣ ସମ୍ପାଦକ ପ୍ରଦୀପ, ସହସମ୍ପାଦକ କୁଳମଣି ଓ କୋଷାଧ୍ୟକ୍ଷ ଭାବେ ପ୍ରଶାନ୍ତ ସାହୁ ମନୋନୀତ ହୋଇଛନ୍ତି। ମନୋଜ ଜେନା, ହେମେନ୍ଦ୍ରନାଥ ମହାନ୍ତି, ଭାବଗ୍ରାହୀ ଖୁଣ୍ଟିଆ ଓ ସୁମତି ନାୟକ କାର୍ଯ୍ୟକାରୀ ସଦସ୍ୟ, ସତିଶ ସାମଲ ସଂଯୋଜକ ଓ ରଣଜିତ ମହାନ୍ତିଙ୍କୁ ଆଇନ ପରାମର୍ଶଦାତା ଭାବେ ଚୟନ କରାଯାଇଛି। କମଳାକାନ୍ତ ଦାସ, ଦେବାଶିଷ ରଥ, ପଞ୍ଚାନନ ନାୟକ ପ୍ରମୁଖ ପରିଚାଳନା କରିଥିଲେ।

## ସୌନ୍ଦର୍ଯ୍ୟର କେନ୍ଦ୍ରବିନ୍ଦୁ ମାତାଜୀ ମଠ ପୋଖରୀ

**ବାସୁଦେବପୁର,୧୦।୫ (ନାରାୟଣ ପ୍ରସାଦ ବାରିକ୍)**

ବାସୁଦେବପୁର ପୌରପାଳିକା ଅଧୀନ ୧୭ ନଂ. ୱାର୍ଡ ରାଧାବଲ୍ଲଭପୁର ଛକଠାରେ ରହିଛି ଐତିହାସିକ ତଥା ପୁରାତନ ଜଳାଶୟ ମାତାଜୀ ମଠ ପୋଖରୀ। ଏହି ପୁରାତନ ଐତିହ୍ୟସମ୍ପନ୍ନ ପୋଖରୀ ଏବେ ସୌନ୍ଦର୍ଯ୍ୟର କେନ୍ଦ୍ରବିନ୍ଦୁ ପାଲଟିଛି। ବାସୁଦେବପୁର ଅଞ୍ଚଳର ଜଳ ସମସ୍ୟା ଦୂର କରିବା ସହ ପଶୁପକ୍ଷୀଙ୍କ ପାଇଁ ପାନୀୟ ଜଳର ସୁବିଧା ନିମନ୍ତେ ଏହି ସ୍ଥାନରେ ଏକ ମଠ କରି ରହୁଥିବା ଜଣେ ଧାର୍ମିକ ମହିଳା (ମାତାଜୀ) ପୋଖରୀକୁ ଖନନ କରିଥିଲେ। ଏହା ଅଞ୍ଚଳର ଜଳ ସମସ୍ୟା ଦୂର କରିବା ସହ କାଳକ୍ରମେ ଏହା ମାତାଜୀ ମା' ପୋଖରୀ ନାମରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲା। କିଛିବର୍ଷ ପରେ ଏହି ପୋଖରୀ ପୋତି ହୋଇପଡ଼ିବା ସହ ଜଳ ଦୂଷିତ ହୋଇଯାଇଥିଲା। ପୋଖରୀର ପୁନରୁଦ୍ଧାର ତଥା ସୌନ୍ଦର୍ଯ୍ୟକରଣ ପାଇଁ ପୌରପାଳିକା ପକ୍ଷରୁ ମୁକ୍ତା ଯୋଜନା ମୁଖ୍ୟମନ୍ତ୍ରୀ କର୍ମତତ୍ପର ଅଭିଯାନରେ ସାମିଲ କରାଯିବା ପରେ ଏହି ପୋଖରୀର ରୂପରେଖ ବଦଳିଛି। ସୌନ୍ଦର୍ଯ୍ୟର କେନ୍ଦ୍ରବିନ୍ଦୁ ପାଲଟିଥିବା ବେଳେ ଏହା ଏକ ମଡେଲ ପୋଖରୀର ମାନ୍ୟତା ଲାଭ କରିଛି।

ପ୍ରକାଶ ଯେ, ୨୦୨୧-୨୦୨୨ ଆର୍ଥିକ ବର୍ଷରେ ପ୍ରଥମ କରି ମାତାଜୀ ପୋଖରୀକୁ ପୌରପାଳିକା ହାତକୁ ନେଇ ମୁକ୍ତା ଯୋଜନାରେ ସାମିଲ କରିଥିଲା। ପୋଖରୀର ପଙ୍କ ଉଦ୍ଧାର ଓ ସୌନ୍ଦର୍ଯ୍ୟକରଣ ପାଇଁ ୧୭ ଲକ୍ଷ ଟଙ୍କାର ବ୍ୟୟବରାଦ କରାଯାଇଥିଲା। ସହରାଞ୍ଚଳ ବିକାଶ ବିଭାଗ ପକ୍ଷରୁ ବାସୁଦେବପୁର ପୌରପାଳିକାର ୧୭ ନଂ ୱାର୍ଡ଼ର ଅନନ୍ୟା ସ୍ୱୟଂସହାୟକ ଗୋଷ୍ଠୀ, ତ୍ରିଶକ୍ତି ବୁଢ଼ୀମଙ୍ଗଳା ସ୍ୱୟଂସହାୟକ ଗୋଷ୍ଠୀ ଏହି ପ୍ରକଳ୍ପର ନିର୍ମାଣ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ହାତକୁ ନେଇଥିଲେ। ଅନନ୍ୟା ଗ୍ରୁପ ତା ୧।୨।୨୦୨୩ରେ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଆରମ୍ଭ କରି ତା ୨୮।୩।୨୦୨୩ ରିଖରେ ଶେଷ କରିଥିଲା। ସେହିପରି ତ୍ରିଶକ୍ତି ବୁଢ଼ୀମଙ୍ଗଳା ଗ୍ରୁପ ୨।୨।୨୦୨୩ ରିଖରେ କାର୍ଯ୍ୟ ଆରମ୍ଭ କରି ତା ୨୭।୨।୨୦୨୩ ରିଖରେ ସାରିଥିଲା। ପୋଖରୀ ଚାରିପାର୍ଶ୍ୱରେ କଂକ୍ରିଟ ୱାଲ ସହ ସ୍ଥାୟୀ ପକ୍କାତୁଠ ନିର୍ମାଣ କରାଯାଇଛି। ରଙ୍ଗବେରଙ୍ଗର ଛବି ପ୍ରତିଛବି ଅଙ୍କନ କରାଯାଇ ପୋଖରୀକୁ ଅଧିକ ଆକର୍ଷଣୀୟ କରାଯାଇଛି। ଗ୍ରାମବାସୀ, ପଥଚାରୀଙ୍କ ପାଇଁ ଏହି ପୋଖରୀ ଆଡ଼ି ଆଶ୍ରୟସ୍ଥଳ ପାଲଟିଛି। ପୋଖରୀର ଏକ ପକ୍କା ୱାଲରେ ଦକ୍ଷିଣ ପାର୍ଶ୍ୱରେ ପୁରୀ ଜଗନ୍ନାଥ ମନ୍ଦିରର ଏକ ଆକର୍ଷଣୀୟ ଚିତ୍ରପଟ ଅଙ୍କନ କରାଯାଇଛି, ଯାହାଦ୍ୱାରା ପୋଖରୀ ଆଡ଼ି ଆକର୍ଷଣ ସାଜିଛି। ଅନୁରୂପ ଭାବେ ମୁକ୍ତା ଯୋଜନାରେ ମଣ୍ଡଳ ପୋଖରୀ ଓ ହାମ୍ବୁଡ଼ଆଡ଼ି ପୋଖରୀକୁ ଆକର୍ଷଣୀୟ କରିବାକୁ ପୌରପାଳିକା ପକ୍ଷରୁ କାର୍ଯ୍ୟ ଆରମ୍ଭ ହୋଇଛି। ମୁକ୍ତା ଯୋଜନା ମାତାଜୀ ମଠ ପୋଖରୀର ରୂପରେଖ ବଦଳାଇବାରେ ସକ୍ଷମ ହୋଇଛି। ଏହା ଏକ ଆଦର୍ଶ ପୋଖରୀରେ ପରିଣତ ହୋଇପାରିଥିବା ମୁକ୍ତା ଯୋଜନାର ସଂଯୋଜକ ରାମଶଙ୍କର ନାୟକ କହିଛନ୍ତି।



ମାତାଜୀ ମଠ ପୋଖରୀ।

## କାନ୍ଥ ପଡ଼ି ବୃଦ୍ଧାଙ୍କ ମୃତ୍ୟୁ

ରାମଚନ୍ଦ୍ରପୁର,(ଗଣେଶ୍ୱର ସା): କେନ୍ଦୁଝର ଜିଲା ଘସିପୁରା ବ୍ଲକ୍ ଭଣ୍ଡାରିଡ଼ିହା ପଞ୍ଚାୟତ ରାଇଘାଟି ଗ୍ରାମରେ ଶୁକ୍ରବାର କାନ୍ଥ ପଡ଼ି ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗ୍ରାମର ରାଇମଣି ଖୁଣ୍ଟିଆ (୬୦)। ସେ ସୋଇଥିବା ବେଳେ କାଳବୈଶାଖୀରେ ଦୁର୍ବଳ ହୋଇଯାଇଥିବା ଘରର କାନ୍ଥ ତାଙ୍କ ଉପରେ ପଡ଼ିଯାଇଥିଲା। ପରିବାର ଲୋକେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ ହୋଇଥିଲା। ଘସିପୁରା ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାରକୁ ହସ୍ତାନ୍ତର କରିଛି।

**କେନ୍ଦୁଝର**

### ସଂକ୍ଷେପରେ

## ଲୋଡର ଧକ୍କାରେ ବସ ଚାଳକଙ୍କ ମୃତ୍ୟୁ

ବଡ଼ବିଲ,୧୦।୫(ଦେବପ୍ରିୟ ରଣା): କେନ୍ଦୁଝର ଜିଲା ରୁଗୁଡି ଥାନା ଲୋଇଡ଼ାପଦାସ୍ଥିତ ଶ୍ରୀମେଟାଲିକ୍ସ ପ୍ଲାଣ୍ଟ ପରିସରରେ ଶୁକ୍ରବାର ଏକ ଲୋଡର ଧକ୍କାରେ ବସ୍ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ବଡବିଲ ଜେଲ ରୋଡ ଅଞ୍ଚଳରେ ରହୁଥିବା ମହେଶ କର୍ମକାର(୫୦)। ପ୍ଲାଣ୍ଟ ପରିସରରେ ମହେଶ ବସ ଧୋଉଥିବା ସମୟରେ ଏକ ଲୋଡର ତାଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। କମ୍ପାନୀ ପକ୍ଷରୁ ଏତଲା ପରେ ପୋଲିସ ତଦନ୍ତ ଆରମ୍ଭ କରିଥିବା ରୁଗୁଡି ଥାନା ଅଧିକାରୀ ତରଣୀସେନ ବାଗ କହିଛନ୍ତି।

## ଜଗନ୍ନାଥ ମନ୍ଦିର ମୁଖଶାଳା ପ୍ରତିଷ୍ଠା

ଢେଙ୍କିକୋଟ,୧୦।୫(ନୀଳମଣି ମଣ୍ଡଳ): କେନ୍ଦୁଝର ଜିଲା ଢେଙ୍କିକୋଟର ବହୁ ପୁରାତନ ଜଗନ୍ନାଥ ମନ୍ଦିରର ମୁଖଶାଳା ନୂତନ କରି ଚଳିତ ବର୍ଷ ନିର୍ମାଣ ହୋଇଥିଲା। ଶୁକ୍ରବାର ପବିତ୍ର ଅକ୍ଷୟ ତୃତୀୟା ଦିବସରେ ଏହା ପ୍ରତିଷ୍ଠା କରାଯାଇଛି। ମନ୍ଦିର ପ୍ରତିଷ୍ଠାତା ନନ୍ଦ କିଶୋର ସାହୁଙ୍କ ପୁଅ ଦୁଷ୍ମନ୍ତ ସାହୁ ଓ ତାଙ୍କ ସ୍ତ୍ରୀ କଳ୍ପନା ସାହୁ ଉତ୍ସବରେ ସଂକଳ୍ପରେ ବସିଥିଲେ। ଏହି ଅବସରରେ ରଥ କାଠ ମଧ୍ୟ ପୂଜା ହୋଇଥିଲା। ଜଗନ୍ନାଥ କମିଟିର ସଭାପତି ଦିଗାମ୍ବର ନାୟକ, ସମ୍ପାଦକ ନିର୍ମଳ ଚନ୍ଦ୍ର ମହାନ୍ତଙ୍କ ସମେତ ଶତାଧିକ ସଦସ୍ୟ ସହଯୋଗ କରିଥିଲେ।

## ଲକ୍ଷ୍ମୀ ନାରାୟଣ, ମହାବୀରଙ୍କ ବାର୍ଷିକ ଉତ୍ସବ

ବଉଳା,୧୦।୫(ଦୁର୍ଗା ପ୍ରସାଦ ଆୟଚ): କେନ୍ଦୁଝର ଜିଲା ହାଟଡିହୀ ବ୍ଲକ୍ ପଡ଼ିଆରିପଲ୍ଲୀ ଗ୍ରାମର ଶ୍ରୀଶ୍ରୀ ଲକ୍ଷ୍ମୀ ନାରାୟଣ ମନ୍ଦିର ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କର୍ତ୍ତାଭାବେ ସୁରେନ୍ଦ୍ର ରାଉତ ଓ ତାଙ୍କ ସ୍ତ୍ରୀ ଗୋଲାପ ରାଉତ ଏବଂ ସୁଦର୍ଶନ ଧଳ, ଭାରତୀ ଧଳ ଦାୟିତ୍ୱ ତୁଲାଇଥିଲେ। ଚର୍ତୁଭୁଜ ରାଉତ, ଦିଲୁ ରାଉତ, ବୁଦ୍ଧଦେବ ରାଉତ, କାଠି ଧଳ, ନିରାକାର ପାତ୍ର ପ୍ରମୁଖ ସହଯୋଗ କରିଥିଲେ। ସେହିପରି ଗ୍ରାମ ଛକରେ ଥିବା ମହାବୀର ହନୁମାନଜୀଉଙ୍କ ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କର୍ତ୍ତାଭାବେ ଜଗବନ୍ଧୁ ରାଉତ, ତାଙ୍କ ସ୍ତ୍ରୀ ପ୍ରିତିପଦ୍ମା ରାଉତ (ଗୁଡି) ଦାୟିତ୍ୱ ତୁଲାଇଥିଲେ।

## ଶନିଶ୍ଚରଙ୍କ କଳସ ଯାତ୍ରା

ପଡ଼ିଆରିପଲ୍ଲୀ ପଞ୍ଚାୟତର ଝୁଣାବାଡ଼ିଠାରେ ଶନିଶ୍ଚର ମନ୍ଦିରର ବାର୍ଷିକ ଉତ୍ସବ ପାଇଁ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ କର୍ତ୍ତାଭାବେ ପର୍ଶୁରାମ ପେଡ଼ା ଓ ତାଙ୍କ ସ୍ତ୍ରୀ ସାବିତ୍ରୀ ପେଡା, ପବିତ୍ର ମୋହନ ପେଡା ଓ ତାଙ୍କ ସ୍ତ୍ରୀ ତପସ୍ୱିନୀ ପେଡା ଦାୟିତ୍ୱ ତୁଲାଇଥିଲେ। ଦେବେନ୍ଦ୍ର ତ୍ରିପାଠୀ, ବିପିନ ବିହାରୀ ତ୍ରିପାଠୀ, ଦୀପକ ମିଶ୍ର, ଅମରେନ୍ଦ୍ର ପଣ୍ଡା, ଲକ୍ଷ୍ମୀପ୍ରସାଦ ତ୍ରିପାଠୀ ପୂଜାପାଠରେ ସହଯୋଗ କରିଥିଲେ।

# ଛାତ ନ ପଡ଼ି ଫାଇନାଲ ବିଲ୍

### ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ମହାଦୁର୍ନୀତି

ପାଟଣା,୧୦।୫(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ବୁଢ଼ିକାପୁଡ଼ି ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ମହା ଦୁର୍ନୀତି ହୋଇଛି। ଏ ନେଇ ଖୋଦ ସରପଞ୍ଚ ମମତାମୟୀ ନାଏକ ଶୁକ୍ରବାର ପାଟଣା ବିଡିଓଙ୍କଠାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ବିଡିଓ ଶିବ ଶଙ୍କର ମୁର୍ମୁ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

ଅଭିଯୋଗ ମୁତାବକ, ପଞ୍ଚାୟତର ତେନ୍ତୁଳୀଖୁଣ୍ଟି ଓ ପୁରନ୍ଦରପୁର ଗ୍ରାମର ବିମଳା ମହାନ୍ତ, ଦ୍ରୋପଦୀ ମହାନ୍ତ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପାଇଥିଲେ। ଦୁହିଁଙ୍କର ୨୮ ସେପ୍ଟେମ୍ବର ୨୦୨୩ରେ ରୁଫ୍ ଲେବୁଲ ଫଟୋ ଏବଂ ୨୦ ଅକ୍ଟୋବର୍ ୨୦୨୩ ଛାତର ସମ୍ପୂର୍ଣ୍ଣ ଫଟୋ ଅପ୍‌ଲୋଡ଼ ହୋଇଥିଲା। ପରେ ଉଭୟଙ୍କ ଜମାଖାତାକୁ ଶେଷ କିସ୍ତି ଟଙ୍କା ଆସିଛି। ହେଲେ ଏ ପର୍ଯ୍ୟନ୍ତ ଦୁହିଁଙ୍କ ଗୃହର ଛାତ ପଡ଼ିନାହିଁ। ସେହିଭଳି ତେନ୍ତୁଳୀଖୁଣ୍ଟିର ବାଗୁନ ମୁଣ୍ଡାଙ୍କ ୨୪ ନଭେମ୍ବର ୨୦୨୩ରେ ରୁଫ୍ ଫଟୋ ଏବଂ ୨୩ ଜାନୁଆରୀ ୨୦୨୪ରେ ସମ୍ପୂର୍ଣ୍ଣ ହୋଇଥିବା ଦର୍ଶାଯାଇଥିଲା। ତେଣୁ ତାଙ୍କ ଜମାଖାତାକୁ ମଧ୍ୟ ଫାଇନାଲ ଟଙ୍କା ଆସିଛି। ମାତ୍ର ଉକ୍ତ ଘରର ଛାତ ପଡ଼ିନାହିଁ। ୩ ଜଣଙ୍କର ଜମାଖାତାକୁ ୧୫ ମାର୍ଚ୍ଚ ୨୦୨୪ ଶେଷ କିସ୍ତିର ଟଙ୍କା ଆସିଛି। ଘଟଣା ଜଣାପଡ଼ିବା ପରେ ସ୍ଥାନୀୟ ଲୋକେ ସରପଞ୍ଚଙ୍କୁ ଅଭିଯୋଗ କରିଥିଲେ। ସରପଞ୍ଚଙ୍କ ଅଭିଯୋଗ ପରେ ବିଡିଓ ଘଟଣା ସ୍ଥଳକୁ ଯାଇ ତଦନ୍ତ କରିବାକୁ ସହକାରୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତଦନ୍ତ ପରେ କିପରି ଘର ସମ୍ପୂର୍ଣ୍ଣ ନ କରି ଶେଷ କିସ୍ତି ଟଙ୍କା ହିତାଧିକାରୀଙ୍କ ଜମା ଖାତାକୁ ଗଲା ତାହା ଜଣାପଡ଼ିବ ବୋଲି ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲ୍ଲୀପ କୁମାର ବେହେରା କହିଛନ୍ତି।



ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲ୍ଲୀପ କୁମାର ବେହେରା।

# ନିର୍ଭୁଲ୍ ହିସାବ ଦାଖଲ କରିବାକୁ ପରାମର୍ଶ

### ରାଜନୈତିକ ଦଳ ସହ ପର୍ଯ୍ୟବେକ୍ଷକଙ୍କ ବୈଠକ

ଆନନ୍ଦପୁର,୧୦।୫(ସୁଶାନ୍ତ କୁମାର ସାହୁ/ ଉମେଶ ଚନ୍ଦ୍ର ପାଢ଼ୀ)

ସାଧାରଣ ନିର୍ବାଚନ ପାଇଁ ସାଧାରଣ, ପୋଲିସ ଓ ଖର୍ଚ୍ଚ ପର୍ଯ୍ୟବେକ୍ଷକ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସହ ଶୁକ୍ରବାର ବୈଠକ କରିଛନ୍ତି। ଆନନ୍ଦପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଭାଗୃହରେ ଉପଜିଲାପାଳ ଫାଲ୍‌ଗୁନି ମାଝିଙ୍କ ଅଧ୍ୟକ୍ଷତାରେ କେନ୍ଦୁଝର ପାଇଁ ନିଯୁକ୍ତ ସାଧାରଣ ପର୍ଯ୍ୟବେକ୍ଷକ ଆଶିଷ ମୋଦି, ଖର୍ଚ୍ଚ ପର୍ଯ୍ୟବେକ୍ଷକ ରାଜ କମଲ ରଞ୍ଜନ ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହ ରାଜନୈତିକ ଦଳର ପ୍ରତିନିଧି, ଆଇଏସ୍ ପ୍ରୋବେଶନର ପ୍ରେକ୍ଷା ଅଗ୍ରୱାଲ, ଅତିରିକ୍ତ ଉପଜିଲାପାଳ ତଥା ଘଷିପୁରା ରିଟର୍ନିଂ ଅଫିସର କିଶୋର ପଣ୍ଡା ଓ ଡେପୁଟି କଲେକ୍ଟର ବନଜା ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ନିର୍ବାଚନକୁ ସ୍ୱଚ୍ଛ ଓ ନିରପେକ୍ଷ ଭାବେ ପରିଚାଳନା ପାଇଁ ସାଧାରଣ ପର୍ଯ୍ୟବେକ୍ଷକମାନେ ପରାମର୍ଶ ଦେଇଥିଲେ। ନିର୍ବାଚନ ଖର୍ଚ୍ଚ ପରିଚାଳନା ସମ୍ପର୍କିତ ଆଇନଗତ ବ୍ୟବସ୍ଥା, ନିର୍ଭୁଲ୍ ଓ ଠିକ୍ ସମୟରେ ହିସାବ ଦାଖଲ କରିବାକୁ ଖର୍ଚ୍ଚ ପର୍ଯ୍ୟବେକ୍ଷକ ପରାମର୍ଶ ଦେଇଥିଲେ। ଶାନ୍ତିଶୃଙ୍ଖଳାର ସହ ନିର୍ବାଚନ ସମାପନ କରିବା ପାଇଁ ଉପଜିଲାପାଳ ସହଯୋଗ କାମନା କରିଥିଲେ।

## ବାଲି, ଚିପ୍ସର ବେଆଇନ ବିକ୍ରି ବୃଦ୍ଧି

କେନ୍ଦୁଝର,୧୦।୫(ଦୀପକ ମିଶ୍ର)

କେନ୍ଦୁଝରରେ ବାଲି ଓ ଚିପ୍ସର ଚୋରା ବ୍ୟବସାୟ ବ୍ୟାପକ ମାତ୍ରାରେ ବୃଦ୍ଧି ପାଇଛି। ଖଣି ବିଭାଗ ହାତକୁ ଲଘୁ ଖଣିଜ ଯିବା ପରେ ଜିଲାରେ ଚୋରା ବ୍ୟବସାୟ ବୃଦ୍ଧି ପାଇଥିବା ଅଭିଯୋଗ ହେଉଛି। ପ୍ରକାଶ ଯେ, ପୂର୍ବରୁ ଲଘୁଖଣିଜ ଦ୍ରବ୍ୟ ଯଥା ପଥର ଗୋଡ଼ି, ବାଲି ସଇରାତ ପ୍ରଭୃତି ନିଲାମ ହେଉଥିଲା। ଲଘୁ ଖଣିଜ ଦ୍ରବ୍ୟ ଖଣି ବିଭାଗ ଅଧୀନକୁ ଯିବା ପରେ ଗତ ଏକ ବର୍ଷ ହେଲା କୌଣସି ନିଲାମ ପ୍ରକ୍ରିୟା ଆରମ୍ଭ ହୋଇନାହିଁ। ଏହାର ସୁଯୋଗ ନେଇ ଲଘୁ ଖଣିଜ ବ୍ୟବସାୟୀମାନେ ବ୍ୟାପକ ଚୋରା କାରବାର କରୁଛନ୍ତି। କେନ୍ଦୁଝର ସହରର ଧାଙ୍ଗରପଡ଼ା ପଛପଟ ପଡ଼ିଆ ସହ ଅନ୍ୟାନ୍ୟ ଜାଗାରେ ବାଲି, ଚିପ୍ସ, ଇଟା ପ୍ରଭୃତି ରଖି ବ୍ୟବସାୟ କରୁଛନ୍ତି। ଖଣି ଅଧିକାରୀ ବିଷ୍ଣୁପଦ ରାଉତ କହିଛନ୍ତି, ବିଭାଗରେ ଲୋକ ବଳ ନାହିଁ। ତେଣୁ କାର୍ଯ୍ୟ ସମ୍ପାଦନ ପାଇଁ ବାଧା ସୃଷ୍ଟି ହେଉଛି।

# ପୁଣି ଖସିଲା ବେରିଂ, ଭାରିଯାନ ଚଳାଚଳ ବନ୍ଦ

### ବିପଦସଙ୍କୁଳ ବୈତରଣୀ ସେତୁ

ଆନନ୍ଦପୁର,୧୦।୫(ଉମେଶ ଚନ୍ଦ୍ର ପାଢ଼ୀ/ସୁଶାନ୍ତ କୁମାର ସାହ)

କେନ୍ଦୁଝର ଜିଲା ଆନନ୍ଦପୁରର ବୈତରଣୀ ସେତୁ ବିପଦସଙ୍କୁଳ ଅବସ୍ଥାରେ ରହିଛି। ପୂର୍ବରୁ ସେତୁର ୫ ନଂ. ସ୍ପାନ୍ ବେରିଂ ଖସିଥିଲା। ଏବେ ପୁଣି ୭ ନଂ. ବେରିଂ ଖସିବାରୁ ଭାରିଯାନ ଚଳାଚଳ ଉପରେ ରୋକ ଲାଗିଛି। କେବେଳ ବାଇକ୍ ଓ ଚାରିଚକିଆ ଯାନକୁ ଅନୁମତି ମିଳିଛି। ସେତୁର ସ୍ଥାୟୀ ମରାମତି ହେଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ଉକ୍ତ ସେତୁ ଯାଜପୁର, କେନ୍ଦୁଝର, ଭଦ୍ରକ, ମୟୂରଭଞ୍ଜକୁ ସଂଯୋଗ କରିଛି। ଚଳିତ ବର୍ଷ ସେତୁର ୫ ନଂ. ସ୍ପାନ୍ ବେରିଂ ଦବିଯାଇଥିବା ବେଳେ ପୂର୍ତ୍ତ ବିଭାଗ ପକ୍ଷରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ଏହାର ମରାମତି କରାଯାଇଥିଲା। କିନ୍ତୁ ଶୁକ୍ରବାର ସକାଳ ୮ ଘଟିକା ସମୟ ପୁନର୍ବାର ବ୍ରିଜ୍‌ର ୭ ନଂ. ସ୍ପାନ୍‌ର ବେରିଂ ଖସିଯାଇଥିବା ଦେଖିବାକୁ ମିଳିଥିଲା। ପୂର୍ତ୍ତ ବିଭାଗ ଓ ଆନନ୍ଦପୁର, ଘସିପୁରା ପୋଲିସ ପହଞ୍ଚି ଉଭୟ ଘସିପୁରା ଓ ଆନନ୍ଦପୁର ବ୍ରିଜ ପ୍ରବେଶ ସ୍ଥଳକୁ ବ୍ୟାରିକେଡ୍ ଦେଇ ଭାରିଯାନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ କରାଯାଇଥିଲା। ପୂର୍ତ୍ତ ବିଭାଗର ସହକାରୀ ଯନ୍ତ୍ରୀ କେଲୁଚରଣ ଦଳେଇଙ୍କ କହିବା ଅନୁଯାୟୀ, ଚଳିତ ବର୍ଷ ୫ ନଂ. ସ୍ପାନ ବେରିଂ ଖସିଯାଇଥିଲା। ତାହା ମରାମତି ପରେ ଯାତାୟାତ ସ୍ୱାଭାବିକ ଚାଲିଥିଲା। ଏଥର ୭ ନଂ. ସ୍ପାନ୍ ବେରିଂ ଖସି ଯାଇଛି। ବାହାରୁ ଟେକ୍ନିକାଲ ଟିମ୍ ଆସି ପହଞ୍ଚିବା ପରେ ୧୫ ଦିନ ମଧ୍ୟରେ ମରାମତି କାର୍ଯ୍ୟ ଶେଷ ହେବ। ଏ ନେଇ ଭାରିଯାନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ କରାଯିବା ପାଇଁ ନିର୍ଦ୍ଦେଶନାମା ଜାରି ହୋଇଛି। ଜନସାଧାରଣଙ୍କ ସହଯୋଗ ପାଇଁ ନିବେଦନ କରିଛନ୍ତି।




## ଏଟିଏମ୍ ଭାଙ୍ଗି ୭ ଲକ୍ଷରୁ ଊର୍ଦ୍ଧ୍ୱ ନେଇଗଲେ

ଆନନ୍ଦପୁର,୧୦।୫( ଉମେଶ ଚନ୍ଦ୍ର ପାଢ଼ୀ )

କେନ୍ଦୁଝର ଜିଲା ଆନନ୍ଦପୁର, ଘସିପୁରା ଥାନା ଧକୋଠଠାରେ ଥିବା ଏସ୍‌ବିଆଇ ଏଟିଏମ ଭାଙ୍ଗି ୭ ଲକ୍ଷ ୪୨ ହଜାର ଟଙ୍କା ନେଇଯାଇଛନ୍ତି। ବ୍ୟାଙ୍କର ସିଏସ୍ଏସ୍ ହିମାଂଶୁ ଶେଖର ମହାପାତ୍ରଙ୍କ ଏତଲା ଆଧାରରେ ପୋଲିସ ଏକ ମାମଲା ରୁଜୁ କରିଛି। ରାତି ପ୍ରାୟ ୨ ଟା ବେଳେ ଏହି ଘଟଣା ଘଟିଥିବା ପୁଲିସ ସୂତ୍ରରୁ ଜଣାପଡ଼ିଛି। ଦୁର୍ବୃତ୍ତ ଗ୍ୟାସ କଟର ସହାୟତାରେ ଏଟିଏମ୍ କାଟି ଟଙ୍କା ଲୁଟ କରିଛନ୍ତି। ଖବର ପାଇ ଘସିପୁରା ପୋଲିସ ପହଞ୍ଚି ତଦନ୍ତ କରୁଛି। ଘଟଣାସ୍ଥଳରୁ ଏକ ଗ୍ୟାସ ସିଲିଣ୍ଡର, କଟର ଜବତ ହୋଇଛି। ଏଟିଏମରେ ଲାଗିଥିବା ସିସିଟିଭି ବନ୍ଦ ଥିବାବେଳେ କୌଣସି ସୁରକ୍ଷାକର୍ମୀ ନ ଥିଲେ। ଏହାର ସୁଯୋଗ ନେଇ ଦୁର୍ବୃତ୍ତ ଲୁଟ କରିଛନ୍ତି। ଗତବର୍ଷ ମଧ୍ୟ ସମାନ ଢଙ୍ଗରେ ଏହି ଏଟିଏମ୍‌ରୁ ଲୁଟ୍ ହୋଇଥିଲା। ଅଦ୍ୟାବଧି ପୋଲିସ ଅଭିଯୁକ୍ତଙ୍କ କୌଣସି ସନ୍ଧାନ ପାଇନାହିଁ।

## ଜଣେ ଡାକ୍ତରରେ ଚାଲିଛି ପ୍ରସୂତି ବିଭାଗ

### ଉପଖଣ୍ଡ ଡାକ୍ତରଖାନା

ଆନନ୍ଦପୁର,୧୦।୫(ଉମେଶ ଚନ୍ଦ୍ର ପାଢ଼ୀ)/ ରାମଚନ୍ଦ୍ରପୁର(ଗଣେଶ୍ୱର ସା)

ଆନନ୍ଦପୁର,୧୦।୫(ଉମେଶ ଚନ୍ଦ୍ର ପାଢ଼ୀ)/ ରାମଚନ୍ଦ୍ରପୁର(ଗଣେଶ୍ୱର ସା): କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟର ପ୍ରସୂତି ବିଭାଗରେ ଶୁକ୍ରବାର ୨୦ ଜଣ ଗର୍ଭବତୀ ଡାକ୍ତରଙ୍କୁ ନ ପାଇ ଫେରିଛନ୍ତି। ଡାକ୍ତରକାନାର ବିଲ୍ଡିଂ ରଙ୍ଗ ମାରି ଚିକଣ ହୋଇଥିବା ବେଳେ ଡାକ୍ତର ପଦବୀ ପୂରଣ ହେଉ ନ ଥିବାରୁ ଅସନ୍ତୋଷ ବୃଦ୍ଧି ପାଉଛି। ଚିକିତ୍ସାଳୟ ଉପରେ ଆନନ୍ଦପୁର ସମେତ ଯାଜପୁର, ମୟୂରଭଞ୍ଜ, ଭଦ୍ରକ ଜିଲାବାସୀ ନିର୍ଭର କରିଥାନ୍ତି। ଶୁକ୍ରବାର ୨୦ ଗର୍ଭବତୀ ସକାଳ ୯ଟାରୁ ଟିକେଟ କରି ପୂର୍ବାହ୍ନ ୧ ଟା ପର୍ଯ୍ୟନ୍ତ ଅପେକ୍ଷା କରିଥିଲେ। ମାତ୍ର ଡାକ୍ତର ନ ଆସିବାରୁ ନିରାଶ ହୋଇ ଫେରିଥିବା ସମ୍ପର୍କୀୟ ଅଭିଯୋଗ କରିଛନ୍ତି। ଉପଖଣ୍ଡ ଚିକିତ୍ସାଳୟର ଏସ୍‌ଡିଏମ୍ ଧନେଶ୍ୱର ସେଠୀ କହିଛନ୍ତି, ଶୁକ୍ରବାର ଜଣେ ଡାକ୍ତରଙ୍କ ଡିୟୁଟି ରହିଛି। ମାତ୍ର ଡାକ୍ତରଖାନାର କାର୍ଯ୍ୟସୂଚୀ ବୋର୍ଡ କେଉଁଠାରେ ରହିଛି ବୋଲି ପ୍ରଶ୍ନ କରିବାରୁ ମୁଁ ବ୍ୟସ୍ତ ଅଛି କହି କଲ କାଟି ଦେଇଥିଲେ।

# ପୁଣି ଟିଏସ୍ଏଫ୍ କାର୍ଯ୍ୟାଳୟ ଘେରିଲେ ଅଭିଭାବକ

### ଟାଟା ଷ୍ଟିଲ୍ ସ୍କୁଲରେ ନାମଲେଖା ବାତିଲ ଘଟଣା

ଯୋଡ଼ା,୧୦।୫(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ସହରର ପଶ୍ଚିମ ଯୋଡ଼ାସ୍ଥିତ ଟାଟା ଷ୍ଟିଲ୍ ପ୍ରାଇମେରି ସ୍କୁଲରେ ନୂତନ ନାମଲେଖା ବାତିଲକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି। ଅଭିଭାବକ ଓ ଟାଟା ଷ୍ଟିଲ୍ ଅଧିକାରୀଙ୍କ ମଧ୍ୟରେ ସମୟ ନିର୍ଘଣ୍ଟ ଅନୁଯାୟୀ ଶୁକ୍ରବାର ଆଲୋଚନା ହୋଇ ନ ପାରିବାରୁ ଅଭିଭାବକମାନେ ପୁଣି ଟାଟା ଷ୍ଟିଲ୍‌ର ଜେସିଓ(ଯୋଡ଼ା କେନ୍ଦ୍ରୀୟ କାର୍ଯ୍ୟାଳୟ) ଓ ଟିଏସ୍ଏଫ୍(ଟାଟା ଷ୍ଟିଲ୍ ଫାଉଣ୍ଡେଶନ) କାର୍ଯ୍ୟାଳୟ ଘେରାଉ କରିଥିଲେ।

ପ୍ରକାଶ ଯେ, ଅଭିଭାବକ ଓ ଟାଟା ଷ୍ଟିଲ୍ ଅଧିକାରୀଙ୍କ ମଧ୍ୟରେ ଆଲୋଚନା ନେଇ ପୂର୍ବାହ୍ନ ୧୦ଟା ସମୟରେ ସମୟ ନିର୍ଘଣ୍ଟ ହୋଇଥିଲା। ବୈଠକରେ ଟାଟା ଷ୍ଟିଲ୍ ଫାଉଣ୍ଡେଶନ ଟିଏସ୍ଏଫ୍ ଅଧିକାରୀ ରବୀନ୍ଦ୍ର କୁମାର ଅନୁପସ୍ଥିତ ରହିବାରୁ ଆଲୋଚନା ହୋଇପାରି ନ ଥିଲା। ଏ ନେଇ ଅଭିଭାବକ ପ୍ରାଇମେରି ସ୍କୁଲ କକ୍ଷରେ ପ୍ରାୟ ୨ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଅପେକ୍ଷାକରି ପ୍ରତିକ୍ରିୟାଶୀଳ ହୋଇ ଯୋଡ଼ା ଜେସିଓ ଅଫିସ ଘେରାଉ କରିଥିଲେ। ସେଠାରେ କାହାରିକି ନ ପାଇ ଟିଏସ୍ଏଫ୍ ଅଫିସ ଯାଇ ଘେରାଉକରି ଟାଟା କମ୍ପାନୀ ବିରୋଧରେ ସ୍ଲୋଗାନ ଦେଇଥିଲେ। ଟିଏସ୍ଏଫ୍‌ର କୌଣସି ଅଧିକାରୀ ଆଲୋଚନା କରିବାକୁ ଆସିନଥିବାରୁ ଦୀର୍ଘସମୟଧରି ସେଠାରେ ବସିରହିଥିଲେ।

ସୂଚନାଯୋଗ୍ୟ, ପଶ୍ଚିମ ଯୋଡ଼ାସ୍ଥିତ ଟାଟା ଷ୍ଟିଲ୍ ପ୍ରାଇମେରି ସ୍କୁଲରେ ନୂତନ ନାମ ଲେଖାକୁ ସ୍କୁଲ ପକ୍ଷରୁ ବନ୍ଦ କରାଯାଇଛି। କାରଣ ସମ୍ପର୍କରେ ଜାଣିବାକୁ ଅଭିଭାବକ ଗତ ବୁଧବାର ଜେସିଓ ଅଫିସ ଘେରାଉ କରିଥିଲେ ଓ ଟିଏସ୍ଏଫ୍ ଅଧିକାରୀ ରବୀନ୍ଦ୍ର କୁମାର ଭେଟିଥିଲେ। ଅଧିକାରୀ ଶୁକ୍ରବାର କମ୍ପାନୀର ଏକ ମିଟିଂ ଥିବା କହିବା ସହିତ ମିଟିଂ ପରେ ହିଁ ନିଷ୍କର୍ଷ ବାହାରିବ ବୋଲି ଅଭିଭାବକଙ୍କୁ କହିଥିଲେ। ଏ ନେଇ କମ୍ପାନୀର କର୍ପୋରେଟ ଅଧିକାରୀ ଶୁଭଙ୍କର ବେହେରା କହିଛନ୍ତି, କୌଣସି କାରଣରୁ ଟିଏସ୍ଏଫ୍ ଅଧିକାରୀ ଅନୁପସ୍ଥିତ ରହିଛନ୍ତି। ତେବେ ପୁଣି ଆଉ ଏକ ତାରିଖ ଧାର୍ଯ୍ୟ କରି ଆଲୋଚନା କରାଯିବ।

# ବିଶ୍ୱର ସର୍ବୋଚ୍ଚ ରଥ ନିର୍ମାଣ ଶୁଭାରମ୍ଭ

### ଜୟଗୋପାଳଙ୍କ ସହ ଚାପଖେଳିଲେ ଦୁଇଠାକୁର, ମା' ଲକ୍ଷ୍ମୀ

କେନ୍ଦୁଝର,୧୦।୫(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲାର ଆରାଧ୍ୟ ଶ୍ରୀ ବଳଦେବଜୀଉଙ୍କ ପବିତ୍ର ରଥଯାତ୍ରା ଉପଲକ୍ଷେ ବିଶ୍ୱର ସର୍ବୋଚ୍ଚ ନନ୍ଦୀଘୋଷ ରଥ ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ ଶୁକ୍ରବାର ଅକ୍ଷୟ ତୃତୀୟାରେ ହୋଇଛି। ଅକ୍ଷୟତୃତୀୟା ଉତ୍ସବ ପାଳନ ପରେ ସନ୍ଧ୍ୟାରେ ରଥ ଖଳାରେ ପୂଜାର୍ଚ୍ଚନା କରାଯାଇ ରଥ ନିର୍ମାଣ ଅନୁକୂଳ କରାଯାଇଛି। ଏହି ଅବସରରେ ମନ୍ଦିର ପୂଜକ, ସେବାୟତ ତଥା ଭକ୍ତମାନେ ଉପସ୍ଥିତ ଥିଲେ।

ସର୍ବୋଚ୍ଚ ରଥର ଉଚ୍ଚତା ୭୨ ଫୁଟ ଓ ଗୋଲେଇ ୪୭ ଫୁଟ। ଏଥିରେ ପ୍ରାୟ ୮ ଫୁଟ ଉଚ୍ଚର ୧୬ଟି ଚକ ଲାଗିଥାଏ। ବିଶ୍ୱର ସର୍ବୋଚ୍ଚ କାଠରେ ନିର୍ମିତ ରଥ ଭାବରେ ବିଭିନ୍ନ ରେକର୍ଡ ସହିତ ଗିନିଜ ବୁକ୍ ଅଫ ୱାଲ୍ଡ ରେକର୍ଡରେ ସ୍ଥାନ ପାଇଛି ବୋଲି ବରିଷ୍ଠ ନାଗରିକ ନବ କିଶୋର ସାହୁ କହିଛନ୍ତି। ଦେବୋତ୍ତର ବିଭାଗ ଅଧୀନରେ ରଥ ନିର୍ମାଣ ହେଉଥିବା ବେଳେ ପୂର୍ତ୍ତ ବିଭାଗର ତତ୍ତ୍ୱାବଧାନରେ ସବୁ ବର୍ଷ ଭଳି କାର୍ଯ୍ୟ ଆରମ୍ଭ ହୋଇଛି। ରଥ ନିର୍ମାଣ ବିଶେଷ କରି ଧଉରା, ଶାଳ ଓ ଅନ୍ୟ କାଠର ବ୍ୟବହାର ହୋଇଥାଏ। ଅଖ ପାଇଁ ୪୭ ଫୁଟ ଲମ୍ବ ଓ ସାଢ଼େ ୪ ଫୁଟ ମୋଟେଇର ୪ ଟି ଓ ୪୦ ଫୁଟ ଲମ୍ବ ଓ ସାଢ଼େ ୪ ଫୁଟ ମୋଟେଇର ୨ ଧଉରା କାଠ ଲାଗିଥାଏ। ବରାନ୍ଦ ପାଇଁ ୪୬ ଫୁଟ ଲମ୍ବ ଓ ସାଢ଼େ ୪ ଫୁଟ ମୋଟେଇର ୪ ଶାଳକାଠ, ସୁନାନାଏକ ପାଇଁ ୨୫ ଫୁଟ ଲମ୍ବ ଓ ୪ ଫୁଟ ମୋଟେଇର ୨ ଶାଳକାଠ, ଚକାପଟି ପାଇଁ ୨୦ ଫୁଟ ଲମ୍ବ ଓ ୫ ଫୁଟ ଗୋଲେଇ ୫ ଶାଳକାଠ, ଅରାପଟି ପାଇଁ ୨୦ ଫୁଟ ଲମ୍ବ ୩ ଫୁଟ ମୋଟେଇ ୧୦ ଟି ଶାଳକାଠ ଲାଗିଥାଏ। ରଥ ନିର୍ମାଣ ପାଇଁ ମୋଟ ୧୦ ଟନ୍‌ରୁ ଊର୍ଦ୍ଧ୍ୱ କାଠ ବ୍ୟବହାର ହୋଇଥାଏ। ଦେବୋତ୍ତର ବିଭାଗ ସମସ୍ତ ଆବଶ୍ୟକ କାଠ ଯୋଗାଦେଇଛି। ରଥ ନୀଳମଣୀ ମହାରଣାଙ୍କ ନେତୃତ୍ୱରେ ନିର୍ମାଣ ହେବ ବୋଲି ଦେବତ୍ତୋର ବିଭାଗର ପରିଚାଳକ ପଞ୍ଚାନନ ସାହୁ କହିଛନ୍ତି। ସେହିପରି ଆଜିଠାରୁ ଶ୍ରୀ ଜୀଉଙ୍କ ଚନ୍ଦନୀ ଯାତ୍ରା ଆରମ୍ଭ ହେଉଛି। ଶ୍ରୀ ବଳଦେବଜୀଉ, ଶ୍ରୀ ଜଗନ୍ନାଥ, ଦେବୀ ଲକ୍ଷ୍ମୀ ଏକ ସୁସଜ୍ଜିତ ପାଲିଙ୍କୀରେ ମନ୍ଦିରରୁ ବାହାରି ଶୋଭାଯାତ୍ରାରେ ରାଜବାଟିକୁ ଯାଇଥିଲେ। ସେଠାରେ ଜୟଗୋପଳ ଜୀଉଙ୍କୁ ସାଙ୍ଗରେ ନେଇ ଚନ୍ଦନୀ ପୋଖରୀରେ ଚାପ ଖେଳିଥିଲେ। ଏହା ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ।



ଶ୍ରୀ ବଳଦେବଜୀଉଙ୍କ ନନ୍ଦୀଘୋଷ ରଥ।

**ବାଲେଶ୍ୱର ଖବର**

# ବାର୍ଷିକ ପୁରସ୍କାର ବିତରଣ ଉତ୍ସବ: ୧୦ ବିଭାଗରେ ୩୪ ପୁରସ୍କୃତ



ଅତିଥିଙ୍କ ଗହଣରେ ସମ୍ମାନିତ ପ୍ରତିଭା।

ବାଲେଶ୍ୱର, ୧୦।୫(ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲା ରେମୁଣା ବାଲଗୋପାଳପୁରସ୍ଥିତ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଇମାମୀ ପେପର ମିଲ୍‌ସର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ୨୦୨୩-୨୪ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଡ. ୟୁସୁଫ୍ ଅଲି ସୋଲାଙ୍କି ସଭାପତିତ୍ୱ କରିଥିଲେ। ଅତିଥି ଭାବେ କମ୍ପାନୀର ମୁଖ୍ୟ ବିବେକ ଚାୱଲା, ସଚିନ ଗୋୟେଙ୍କା, ଆଶିଷ ଏ ଗୁପ୍ତା, ସୌମ୍ୟଜିତ୍ ମୁଖାର୍ଜୀ ଯୋଗଦେଇ ବିଭିନ୍ନ ବିଭାଗର କୃତିତ୍ୱଧାରୀଙ୍କୁ ପୁରସ୍କାର ପ୍ରଦାନ କରିବା ସହ ଆଗାମୀ ଦିନରେ ଅନ୍ୟମାନେ ଏଭଳି ଉଚ୍ଚମାନର କାର୍ଯ୍ୟ ସମ୍ପାଦନ କରି କମ୍ପାନୀର ସମ୍ମାନ ବଢ଼ାଇବାରେ ସହାୟକ ହେବାର ଆଶାପୋଷଣ କରିଥିଲେ। ମୋଟ୍ ୧୦ଟି ବିଭାଗ (ବେଷ୍ଟ ଏମ୍ପ୍ଲୋଇ (ଷ୍ଟାଫ୍), ବେଷ୍ଟ ଏମ୍ପ୍ଲୋଇ (ୱାର୍କର), ୟଙ୍ଗ ଆଚିଭର, ବେଷ୍ଟ କଣ୍ଟ୍ରାକ୍ଟର, ଲିଡ଼ରଶିପ୍ ଆୱାର୍ଡ଼, ବେଷ୍ଟ ଡିପାର୍ଟମେଣ୍ଟ, ବେଷ୍ଟ ସେଲ୍‌ସ ଆୱାର୍ଡ଼, ଜ୍ଞାନ ସାରଥି ଆୱାର୍ଡ଼, ଜ୍ଞାନସାଗର ଆୱାର୍ଡ଼, ଷ୍ଟାର ପରଫର୍ମର ଆୱାର୍ଡ଼)ରେ ୩୪ଜଣଙ୍କୁ ପୁରସ୍କାର ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା।

## ନାମାଙ୍କନ ଦାଖଲ କଲେ ସୁବ୍ରତ, ମାଧବ

ସୋର, ୧୦।୫(ଜନ୍ମେଜୟ ମିଶ୍ର)

ଶୁକ୍ରବାର ନାମାଙ୍କନପତ୍ର ଦାଖଲର ଚତୁର୍ଥ ଦିନରେ ସୋର ନିର୍ବାଚନମଣ୍ଡଳୀର କଂଗ୍ରେସ ପ୍ରାର୍ଥୀ ସୁବ୍ରତ ଧଡ଼ା ଓ ବିଜେଡିର ମାଧବ ଧଡ଼ା ନାମାଙ୍କନପତ୍ର ଦାଖଲ କରିଛନ୍ତି। ଏହି ଅବସରରେ ସୁବ୍ରତ ନଟାପଡା ଗ୍ରାମର ଗ୍ରାମଦେବତୀ ମା' ତାମୁରାଇଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ। ସେଠାରୁ ଘରକୁ ଯାଇ ମା'ଙ୍କ ଆଶୀର୍ବାଦ ନେଇ ନାମାଙ୍କନ ପାଇଁ ବାହାରିଥିଲେ। ଏହାପରେ ଏକ ବିଶାଳ ବାଇକ ଶୋଭାଯାତ୍ରା ନଟାପଡା ଗ୍ରାମରୁ ବାହାରି ମାଟିଆପଲ୍ଲା, ଉତ୍ତରେଶ୍ୱର, ଡାକ୍ତରଖାନା ଛକ, ପାଖର, ଅନନ୍ତପୁର, ଅଞ୍ଜି, ଗୋପାଳପୁର ଦେଇ ବାହାନଗା ଦେଇ ପଣପଣାରେ ପହଞ୍ଚିଥିଲା। ସେଠାରୁ ସୁବ୍ରତ ବାଲେଶ୍ୱର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ନାମାଙ୍କନ ଦାଖଲ କରିଥିଲେ। ଏହି ସମୟରେ ତାଙ୍କର ସମର୍ଥକ ଏବଂ ପ୍ରସ୍ତାବକଙ୍କ ସମେତ ପୂର୍ବତନ ବିଧାୟକ ସୁରେନ୍ଦ୍ର ପ୍ରସାଦ ପ୍ରମାଣିକ, ଜିଲା ଉପସଭାପତି ମୋତିଲାଲ ମହାନ୍ତି, ଅଟଳ ବିହାରୀ ରାଉତ, ସତ୍ୟନାରାୟଣ ମହାପାତ୍ର, ବ୍ଲକ ସଭାପତି ଶ୍ରୀକାନ୍ତ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବିଜେଡି ପ୍ରାର୍ଥୀ ମାଧବ ଧଡ଼ା ତାଙ୍କ ସମର୍ଥକଙ୍କ ସହ ସୋର ବଜାର ପରିକ୍ରମା କରି ବାଲେଶର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ନାମାଙ୍କନପତ୍ର ଦାଖଲ କରିଥିଲେ।

## ମହୁମାଛି ଆକ୍ରମଣରେ ୮ ଆହତ

ସୋର, ୧୦।୫(ଜନ୍ମେଜୟ ମିଶ୍ର)-ସୋର ପୌରପାଳିକା ଅଧୀନ ୧୦ନଂ. ୱାର୍ଡର ଶ୍ରୀଧର ପତ୍ରୀଙ୍କ ବାସଭବନରେ ଶୁକ୍ରବାର ଚଉରା ପ୍ରତିଷ୍ଠା କାର୍ଯ୍ୟକ୍ରମରେ ଯୋଗଦେବାକୁ ଯାଇ ମହୁମାଛି ଆକ୍ରମଣରେ ୮ଜଣ ଆହତ ହୋଇଛନ୍ତି। ଏଥିରେ ଆଦର୍ଶ ଯୁବ ପରିଷଦର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ। ଏହି ସମୟରେ ହଠାତ ମହୁମାଛି ଆକ୍ରମଣ କରିଥିଲେ। ସଙ୍ଗଠନର ୪ଜଣ ସଦସ୍ୟଙ୍କ ସମେତ ପୂଜାରେ ବସିଥିବା ବ୍ରାହ୍ମଣ ଓ କର୍ତ୍ତା ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସମସ୍ତ ଆହତଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାକୁ ନେଇଥିଲେ। ଆହତମାନେ ହେଲେ ଶ୍ରୀଧର ପତ୍ରି, ସଞ୍ଜୟ ନାୟକ, ପୃଥ୍ୱୀ ବେହେରା, ରଜତ ବେହେରା, ଚନ୍ଦନ ଜେନା, ସୁବାସ ବେହେରା, ଅଜିତ ବେହେରା ଏବଂ ଯଦୁନାଥ ଧଡ଼ା।

## ଶୀତଳା ଦେବୀଙ୍କ ପୂଜୋତ୍ସବ ଉଦ୍‌ଯାପିତ

ରୂପସା, ୧୦।୫(ବାଞ୍ଛାନିଧି ଦେ)- ରୂପସା ଥାନା ଗଡ଼ପଦା ପଞ୍ଚାୟତ ଅଧୀନ ନୀଳବାଡ଼ି ଗ୍ରାମରେ ୪ ଦିନ ବ୍ୟାପୀ ଚାଲିଥିବା ମା' ଶୀତଳା ଦେବୀଙ୍କ ବାର୍ଷିକ ପୂଜୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଗ୍ରାମବାସୀ ଶୋଭାଯାତ୍ରାରେ ଶନିବାର ଘଟତୋଳନ କରି ମଣ୍ଡପରେ ପହଞ୍ଚିଥିଲେ। ପଣ୍ଡିତ ଗଙ୍ଗାଧର ପାଣିଗ୍ରାହୀ, ଗୋପାଳ ଚନ୍ଦ୍ର ଦାଶ, ବସନ୍ତ ପଣ୍ଡା ଓ ରାଜେନ୍ଦ୍ର ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ପୂଜାର୍ଚ୍ଚନା ପୂର୍ବକ ଯଜ୍ଞ ଆରମ୍ଭ ହୋଇଥିଲା। ରବିବାର ଦେବୀଙ୍କଠାରେ ମାଛ ଭୋଗ ଲାଗିଥିଲା। ପ୍ରତି ସନ୍ଧ୍ୟାରେ ଭଜନ, କୀର୍ତ୍ତନ ଓ ଡ୍ୟାମ୍ପ ଧମାକା ସହ ଶୀତଳା ଗାଆଣ ଓ ସାମାଜିକ ଯାତ୍ରା ପରିବେଷଣ ହୋଇଥିଲା। ମଙ୍ଗଳବାର ମାର୍ଜନା ପୂର୍ବକ ପୂର୍ଣ୍ଣାହୂତି ପରେ ଦେବୀଙ୍କୁ ବିସର୍ଜନ ଦିଆଯାଇଥିଲା। ଗ୍ରାମ୍ୟ କମିଟି ସଭ୍ୟ ମଧୁସୂଦନ ଦାସ, ସନାତନ ଦାସ, ସଚ୍ଚିନ୍ଦ୍ର ଦାସ, ସପନ ଦାସ ଓ ପ୍ରଦୀପ ଦେଙ୍କ ସମେତ ପୂଜା ପରିଚାଳନା କମିଟି କର୍ମକର୍ତ୍ତା ଓ ଗ୍ରାମବାସୀ ସହଯୋଗ କରିଥିଲେ।

## ଶ୍ରୀଜଗନ୍ନାଥଙ୍କ ରଥ କାଠ ଅନୁକୂଳ

କାଳିପଦା,(ରାଜଶ୍ରୀ ପାଣିଗ୍ରାହୀ)-ବାଲିଆପାଳର ଖଗଡ଼ାପାଳସ୍ଥିତ ପ୍ରସିଦ୍ଧ ଶ୍ରଦ୍ଧାପତି ଶ୍ରୀଜଗନ୍ନାଥଙ୍କ ପବିତ୍ର ଅକ୍ଷୟ ତୃତୀୟା ଅବସରରେ ରଥ କାଠ ଅନୁକୂଳ ହୋଇଛି। ସ୍ଥାନୀୟ ହାସିମପୁର ଗ୍ରାମରେ ଗଛ ଚିହ୍ନଟ କରାଯାଇଥିଲା। ଏଥିପାଇଁ ପ୍ରାତଃରେ ଚିହ୍ନଟ ଦାରୁଗୁଡ଼ିକୁ ପୂଜାର୍ଚ୍ଚନା କରାଯାଇଥିଲା। ମନ୍ଦିର ମୁଖ୍ୟ ପୂଜକ ବିଷ୍ଣୁପଦ ପାଠୀ, ବଳଦେବ ପଣ୍ଡା, ଶମ୍ଭୁନାଥ ପାଣିଗ୍ରାହୀ, ମନ୍ଦିର ଟ୍ରଷ୍ଟ ବୋର୍ଡ଼ର ସୁଶାନ୍ତ କୁମାର ଚକ୍ରବର୍ତ୍ତୀ, ମଧୁସୂଦନ ବାରିକ, ମଧୁସୂଦନ ସାହୁ, ପ୍ରଫୁଲ୍ଲ କୁମାର ସାହୁ, ମୁରଲୀମୋହନ ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

### ବାଲେଶ୍ୱର

## ଅଖିମୁଠି ଅନୁକୂଳ

ବାଲିଆପାଳ, ୧୦।୫(ଗୋପାଳ ଚନ୍ଦ୍ର ସାହୁ)-ଅକ୍ଷୟ ତୃତୀୟା ଅବସରରେ ଗଦାଧର ଗିରି ସ୍ମୃତି ବିକାଶ ପରିଷଦ ବାଲିଆପାଳ ପକ୍ଷରୁ ଶୁକ୍ରବାର ବାଲିଆପାଳ ବ୍ଲକ ବେତଗଡ଼ିଆ ପଞ୍ଚାୟତ ନାରାୟଣପୁରଠାରେ ପରିଷଦ ଆବାହକ ବିକାଶ ଗିରିଙ୍କ ନେତୃତ୍ୱରେ ଅଖି ମୁଠି ଅନୁକୂଳ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପରିଷଦ ସଭାପତି ଧୀରେନ୍ଦ୍ର ନାଥ ହାଜିରା ଯୋଗଦେଇ ଏହି ଦିନ ଚାଷ କାମ ଆରମ୍ଭ କଲେ ଚାଷ ଭଲ ହୁଏ ବୋଲି ଚାଷୀଙ୍କ ବିଶ୍ୱାସ ରହିଛି ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଜୟନ୍ତ ଦାସ, ବଳରାମ ଦାସ, କୁମୁଦ ରଞ୍ଜନ ପରିଡ଼ା, ରାମନାଥ ପରିଡ଼ା, ଶମ୍ଭୁନାଥ ଗିରି, ଚକ୍ରଧରର ମଣ୍ଡଳ, ମନୁଜ ପରିଡ଼ା, ଲମ୍ବୋଦର ପଢ଼ିହାରି, ରାମ କୃଷ୍ଣ କୁହ୍ଲାରି, ନିଆସି ମାହାନ୍ତି, ସୁଜୟ ଗିରି, ହିମାଂଶୁ ମାହାନ୍ତି, ରବୀନ୍ଦ୍ର ପଢ଼ିହାରି, ବାପି କର, ଅଶୋକ କୁହ୍ଲାରୀ, ବିଦ୍ୟାଧର ପରିଡ଼ା, ଭକ୍ତ ହରି ଦାସ, ଅଶୋକ ସାହୁ, ଦେବ ରଞ୍ଜିତ, ରଶ୍ମିତା ରଞ୍ଜିତ, ପ୍ରଶାନ୍ତ ଜେନା, ମନୋଜ ଜେନା ଓ ଶିବପ୍ରସାଦ ଜେନା ପ୍ରମୁଖ ସାମିଲ ଥିଲେ।

# ଅଧିକାରୀଙ୍କ ନିର୍ଦ୍ଦେଶ ଉଲ୍ଲଂଘନ ଅଭିଯୋଗ

### ବଦଳିର ୨ ମାସ ପରେ ବି ଜାଗା ଛାଡୁନାହାନ୍ତି ପ୍ରାଣୀଧନ ନିରୀକ୍ଷକ

ଖଇରା, ୧୦।୫(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ହରିପୁର ପ୍ରାଣୀ ସହାୟକ କେନ୍ଦ୍ରର ନିରୀକ୍ଷକ ୨ମାସ ତଳୁ ଅନ୍ୟତ୍ର ବଦଳି ହୋଇଥିଲେ ହେଁ ସେ ଦାୟିତ୍ୱ ହସ୍ତାନ୍ତର କରୁନାହାନ୍ତି କି ଜାଗା ଛାଡୁନାହାନ୍ତି। ଏଣୁ ୨ମାସ ହେଲା କେନ୍ଦ୍ରରେ ଅଚଳାବସ୍ଥା ଦେଖାଦେଇଛି। କେନ୍ଦ୍ରରେ ୨ମାସ ଧରି ତାଲା ପଡିଥିବା କାରଣରୁ ପ୍ରତ୍ୟେକ ଦିନ ଗୃହପାଳିତ ପ୍ରାଣୀଙ୍କ ଚିକିତ୍ସା ବା ଚିକିତ୍ସା ସମ୍ବନ୍ଧରେ ବୁଝିବା ପାଇଁ ଆସୁଥିବା ବହୁ ସଂଖ୍ୟାର ମାଲିକମାନେ ନିରାଶ ହୋଇ ଘରକୁ ଫେରୁଛନ୍ତି। ଏବେ ବୀତସ୍ପୃହ ପ୍ରାଣୀପାଳକମାନେ ନିଜର ତତ୍ତ୍ୱାବଧାନରେ ରଖିଥିବା ଗୋରୁ ଛେଳିମାନଙ୍କୁ ବିକିବା ଆରମ୍ଭ କଲେଣି। ଏ ସମ୍ପର୍କରେ ତୁରନ୍ତ ନିଷ୍ପତ୍ତି ନେବାକୁ ହରିପୁର, ରଟିଣା, ଗଡପୋଖରୀ, ବାଉଁଶଗଡିଆ ପଞ୍ଚାୟତବାସୀ ଦାବି କରିଛନ୍ତି। ମାର୍ଚ୍ଚ ୧୧ତାରିଖରେ ରାଜ୍ୟ ପ୍ରାଣୀ ସମ୍ପଦ ବିଭାଗ ନିର୍ଦ୍ଦେଶକଙ୍କ ଚିଠି ସଂଖ୍ୟା ୩୪୦୭, ତା୧୧।୩।୨୦୨୪ରିଖରେ ହରିପୁର ପ୍ରାଣୀ ସହାୟକ କେନ୍ଦ୍ରର ନିରୀକ୍ଷକଙ୍କୁ ଜିଲାର ଅନ୍ୟ ଏକ ସ୍ଥାନକୁ ବଦଳି ହୋଇଥିଲା। ତାଙ୍କ ସ୍ଥାନରେ ବର୍ତ୍ତନା ସହାୟକ କେନ୍ଦ୍ରର ନିରୀକ୍ଷକଙ୍କୁ ହରିପୁର କେନ୍ଦ୍ରର ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ହେଲେ ହରିପୁର କେନ୍ଦ୍ରର ନିରୀକ୍ଷକ ଏ ପର୍ଯ୍ୟନ୍ତ ବଦଳି ଆଦେଶକୁ ମାନୁନାହାନ୍ତି କି ବର୍ତ୍ତନା ନିରୀକ୍ଷକଙ୍କୁ ଦାୟିତ୍ୱ ହସ୍ତାନ୍ତର କରିନାହାନ୍ତି। ଫଳରେ ଏବେ ୨ ମାସ ଧରି କେନ୍ଦ୍ର ବନ୍ଦ ହୋଇପଡିଛି। ଏଭଳି ଅଚଳାବସ୍ଥାକୁ ନେଇ ପ୍ରାଣୀପାଳକମାନେ ବଦଳି କରିଥିବା ଅଧିକାରୀଙ୍କ ଦକ୍ଷତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି । ଏ ସମ୍ପର୍କରେ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡା. ରଞ୍ଜନ ଦାସଙ୍କୁ ଯୋଗାଯୋଗ କରିବାରେ ସେ ଏସ୍‌ଡିଭିଓଙ୍କୁ ତଦନ୍ତ ପାଇଁ ଖଇରା ପଠାଇଛନ୍ତି। ସେ ରିପୋର୍ଟ ଦେବା ପରେ ପଦକ୍ଷେପ ନିଆଯିବ।



ବନ୍ଦ ରହିଥିବା ହରିପୁର ପ୍ରାଣୀ ସହାୟକ କେନ୍ଦ୍ର।

## ନାମାଙ୍କନ ଦାଖଲ କଲେ ସୁବାସିନୀ

ବାଲେଶ୍ୱର, ୧୦।୫(ମାନସ ବିଶ୍ୱାଳ)

ସାଧାରଣ ନିର୍ବାଚନ ପାଇଁ ବାଲେଶ୍ୱରରେ ବିଭିନ୍ନ ରାଜନୈତିକ ଦଳର ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ଦାଖଲ ଜାରି ରହିଛି। ଚତୁର୍ଥ ଦିବସରେ ଅକ୍ଷୟ ତୃତୀୟା ତିଥିକୁ ଲକ୍ଷ୍ୟରେ ରଖି ବିଜେଡିର ସଂଖ୍ୟାଧିକ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ବସ୍ତା ନିର୍ବାଚନମଣ୍ଡଳୀର ବିଜେଡି ପ୍ରାର୍ଥିନୀ ସୁବାସିନୀ ଜେନା ସ୍ଥାନୀୟ ଗାନ୍ଧୀ ସ୍ମୃତିଭବନ ନିକଟରୁ ଏକ ଶୋଭାଯାତ୍ରାରେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ଅଭିମୁଖେ ଯାତ୍ରା କରିଥିଲେ। ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଆସିଥିବା ବାଦ୍ୟ ଓ ନୃତ୍ୟ ଦଳ ସେମାନଙ୍କ ଆକର୍ଷଣୀୟ ନୃତ୍ୟ ପରିବେଷଣ କରିଥିଲେ। ପରେ ପ୍ରାର୍ଥୀ ଜେନା ପ୍ରସ୍ତାବକଙ୍କ ସହ ଉପଜିଲାପାଳ ପ୍ରଥମେଶ ଅରବିନ୍ଦ ରାଜେଶିର୍କେଙ୍କ ନିକଟରେ ନିଜର ପ୍ରାର୍ଥୀପତ୍ର ଦାଖଲ କରିଥିଲେ।



ଉପଜିଲାପାଳଙ୍କ ନିକଟରେ ନାମାଙ୍କନ ଦାଖଲ କରୁଛନ୍ତି ବିଧାୟିକା ପ୍ରାର୍ଥିନୀ ସୁବାସିନୀ ଜେନା।

## ପ୍ରାର୍ଥୀପତ୍ର ଦାଖଲ କଲେ ସନ୍ତୋଷ ଖଟୁଆ

ନୀଳଗିରି, ୧୦।୫(ପ୍ରଶାନ୍ତ ବିଶ୍ୱାଳ)

ନୀଳଗିରି ନିର୍ବାଚନମଣ୍ଡଳୀ ଭାଜପା ବିଧାୟକ ପ୍ରାର୍ଥୀ ସନ୍ତୋଷ ଖଟୁଆ ଶୁକ୍ରବାର ଉପଜିଲାପାଳଙ୍କଠାରେ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ପ୍ରାର୍ଥୀପତ୍ର ଦାଖଲ ବେଳେ ବାଲେଶ୍ୱର ଏମ୍‌ପି ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଉପସ୍ଥିତ ଥିଲେ। ଶୁକ୍ରବାର ସନ୍ତୋଷ ମହାପ୍ରଭୁ ଜଗନ୍ନାଥଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରିବା ପରେ ମା'ଙ୍କ ଆଶିଷ ନେଇଥିଲେ। ପରେ ଏକ ବିଶାଳ ପଟୁଆରରେ ଜଗନ୍ନାଥ ମନ୍ଦିରଠାରୁ ଯାଇ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ନୀଳଗିରି, ବାହାନଗା, ଔପଦା ଏବଂ ନୀଳଗିରି ଏନ୍‌ଏସିରୁ ହଜାର ହଜାର ସମର୍ଥକଙ୍କ ଗହଣରେ ଏକ ଶୋଭାଯାତ୍ରାରେ ଆସି ନୀଳଗିରି ଉପଜିଲାପାଳଙ୍କ ନିକଟରେ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ଶୋଭାଯାତ୍ରାରେ ଜିଲା ଭାଜପା ସଭାପତି ଉମାକାନ୍ତ ମହାପାତ୍ର, ଚନ୍ଦ୍ରବିନ୍ଦୁ ଦାସ, ବିପିବିଷ୍ଣା ପାତ୍ର, ବିଶ୍ୱନାଥ ମିଶ୍ର, ଶଶିଧର ରଣଜିତ, ଦେବେନ୍ଦ୍ର ପଣ୍ଡା ଓ କରୁଣାକର ପଣ୍ଡା, ରଞ୍ଜିତା ସିଂ, ରବୀନ୍ଦ୍ର ନାୟକ, କୃତିବାସ ବେହେରା, ସୁନୀଲ ମହାନ୍ତି, ଶିଶିର ରାଉତ, ଦୀପ୍ତିକାନ୍ତ ପୃଷ୍ଟି, ସୁରଞ୍ଜନ ମହାପାତ୍ର, ପ୍ରଫୁଲ୍ଲ ସାମନ୍ତ ରାୟ, ସବ୍ୟସାଚୀ ମହାପାତ୍ର, ରେଣୁ ବିଶ୍ୱାଳ, ସମର ଶଙ୍କର କାନୁନ୍‌ଗୋ, ଦେବାଶିଷ ଆଚାର୍ଯ୍ୟଙ୍କ ସହିତ ବହୁ ବରିଷ୍ଠ ଭାଜପା ନେତା ଓ କର୍ମୀ ଉପସ୍ଥିତ ଥିଲେ। ସେହିପରି ସିପିଆଇ ନୀଳଗିରି ବିଧାନସଭା କ୍ଷେତ୍ରରୁ ଆଇନଜୀବୀ ଅଜୟ କୁମାର ପଟ୍ଟନାୟକ ତାଙ୍କର ସମର୍ଥକଙ୍କ ସହିତ ଆସି ନୀଳଗିରି ଉପଜିଲାପାଳ ତଥା ନିର୍ବାଚନ ଅଧିକାରୀ ମନ୍ଦରଧର ମହାଲିକଙ୍କଠାରେ ଏକ ସେଟ୍ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ନାମାଙ୍କନ ବେଳେ ସିପିଆଇ ନେତା କୈଳାସ ଚନ୍ଦ୍ର ପଣ୍ଡା, ନିରଞ୍ଜନ ବାରିକ, ବିଜୟ ସ, ଗୌରହରି ବେହେରା, ହରେକୃଷ୍ଣ ରାଉତ, ପ୍ରଭାକର ମହାପାତ୍ର, ଯତୀନ ବାରିକ ପ୍ରମୁଖ ସାମିଲ ଥିଲେ।

## ସୋର-କୁପାରୀ ରାସ୍ତାରେ ହିମାଂଶୁଙ୍କ 'ରୋଡ ଶୋ'



ରୋଡ ଶୋ'ରେ ସମର୍ଥକଙ୍କ ଗହଣରେ ବିଧାୟକ ପ୍ରାର୍ଥୀ ହିମାଂଶୁ ଶେଖର ବେହେରା ।

ଖଇରା, ୧୦।୫(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ସିମୁଳିଆ ନିର୍ବାଚନମଣ୍ଡଳୀର କଂଗ୍ରେସ ପ୍ରାର୍ଥୀ ହିମାଂଶୁ ଶେଖର ବେହେରା ନିଜର ନାମାଙ୍କନ ଦାଖଲ ପୂର୍ବରୁ ସୋର-କୁପାରୀ ରାସ୍ତାରେ ବିଶାଳ ରୋଡ ଶୋ ମାଧ୍ୟମରେ ଶକ୍ତି ପ୍ରଦର୍ଶନ କରିଛନ୍ତି । ଖଇରା ସିମୁଳିଆ ୨ ବ୍ଲକରୁ ଅନ୍ୟୁନ ୨ହଜାରରୁ ଊର୍ଦ୍ଧ୍ୱ ସମର୍ଥକ ତାଙ୍କ ଏହି ରୋଡଶୋରେ ସାମିଲ ହେଇଥିଲେ। ଏହି ରୋଡ ଶୋରେ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କ ସମର୍ଥକ ସାମିଲ ଥିବାରୁ ଏବେ ସିମୁଳିଆ ରାଜନୀତିକୁ ଗୋଳମାଳିଆ କରିଛି । ପ୍ରଥମେ ହିମାଂଶୁ ନିଜ ପତ୍ନୀ ପ୍ରଜ୍ଞାପାରମିତାଙ୍କ ସହ ଜନ୍ମିତ ଗ୍ରାମ କାକୁଡିଆର ଆରାଧ୍ୟା ଦେବୀ ବାମକାଳୀଙ୍କ ପୀଠରେ ପୂଜାର୍ଚ୍ଚନା ପରେ ବଣପାରିଆସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରୁ ଖୋଲା ଜିପରେ ରୋଡ ଶୋରେ ଗଣ୍ଡିବେଡ, ତୁଡିଗଡିଆ ବଜାର ଅତିକ୍ରମ କରି ସୋରରେ ପହଞ୍ଚିବା ପରେ ସିମୁଳିଆରୁ ଆସିଥିବା କଂଗ୍ରେସ କର୍ମୀ ତାଙ୍କ ସହ ସାମିଲ ହୋଇଥିଲେ। ଭଦ୍ରକ ଏମ୍‌ପି ପ୍ରାର୍ଥୀ ଅନନ୍ତ କୁମାର ସେଠୀ ସହ ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ଖଇରା ବ୍ଲକର କଂଗ୍ରେସ ନେତା ରାମଚନ୍ଦ୍ର ଶତପଥି, ବସନ୍ତ କୁମାର ପାତ୍ର, ବେଣୁଧର ରାଉତ, ଗଜେନ୍ଦ୍ର ସେଠୀ, ଶୂନ୍ୟବାସୀ ଜେନା, ପରେଶ ସାମଲ, ସିତୁ ପଟ୍ଟନାୟକ, ମହେନ୍ଦ୍ର ବେହେରା ଏବଂ ସିମୁଳିଆ ବ୍ଲକ କଂଗ୍ରେସ ନେତା ରମେଶ ଦାସ, ଅନିରୁଦ୍ଧ ବେହେରା, କାହ୍ନୁ ମହାନ୍ତି, ଅରୁଣ ସାହୁ ଓ ଗଗନ ନାୟକ ପ୍ରମୁଖ ସାମିଲ ଥିଲେ।

## ନାମାଙ୍କନ ଦାଖଲ କଲେ ଲେଖାଶ୍ରୀ

ବାଲେଶ୍ୱର, ୧୦।୫(ମାନସ ବିଶ୍ୱାଳ)

ବାଲେଶ୍ୱର ଲୋକସଭା ଆସନରୁ ବିଜେଡି ପ୍ରାର୍ଥିନୀ ଡ. ଲେଖାଶ୍ରୀ ସାମନ୍ତସିଂହାର ଶୁକ୍ରବାର ନାମାଙ୍କନ ଦାଖଲ କରିଛନ୍ତି। ସହରସ୍ଥିତ ଗାନ୍ଧୀ ସ୍ମୃତିଭବନଠାରୁ ଏକ ଶୋଭାଯାତ୍ରାରେ ବାହାରି ଫାଣ୍ଡି ଛକରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଜଳେଶ୍ୱର ବିଧାୟକ ପ୍ରାର୍ଥୀ ଅଶ୍ୱିନୀ ପାତ୍ର, ବାଲେଶ୍ୱର ବିଧାୟକ ପ୍ରାର୍ଥୀ ସ୍ୱରୂପ ଦାସ, ନୀଳଗିରି ବିଧାୟକ ପ୍ରାର୍ଥୀ ସୁକାନ୍ତ ନାୟକ, ବସ୍ତା ବିଧାୟିକା ପ୍ରାର୍ଥୀ ସୁବାସିନୀ ଜେନା, ଭୋଗରାଇ ବିଧାୟକ ପ୍ରାର୍ଥୀ ଗୌତମବୁଦ୍ଧ ଦାସ, ରେମୁଣା ବିଧାୟିକା ପ୍ରାର୍ଥିନୀ ବିଦ୍ୟାସ୍ମିତା ମହାଲିକ, ଜିଲାପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଜିଲାପାଳ ଆଶିଷ ଠାକ୍‌ରେଙ୍କ ଅଫିସରେ ସମର୍ଥକମାନଙ୍କ ସହ ପହଞ୍ଚି ବିଜୁ ଜନତା ଦଳର ଟିକେଟ ସହିତ ଦୁଇସେଟ୍ ନାମାଙ୍କନପତ୍ର ଦାଖଲ କରିଥିଲେ।



ଜିଲାପାଳଙ୍କ ନିକଟରେ ନାମାଙ୍କନ ପତ୍ର ଦାଖଲ କରୁଛନ୍ତି ବିଜେଡି ଏମ୍‌ପି ପ୍ରାର୍ଥିନୀ ଲେଖାଶ୍ରୀ।

### ମୟୂରଭଞ୍ଜ

## ପ୍ରାର୍ଥୀପତ୍ର ଦାଖଲ କଲେ ସୁଦାମ, ଅଞ୍ଜନୀ ଓ ଭାଦବ

ବାରିପଦା(ନୀଳାଦ୍ରି ବିହାରୀ ଦଣ୍ଡପାଟ)/ ଉଦଳା(ସନ୍ତୋଷ କୁମାର ବାଛିନୀ)/ ରାଇରଙ୍ଗପୁର(ମାନସ ମହାନ୍ତି),୧୦।୫

ସାଧାରଣ ନିର୍ବାଚନ ପାଇଁ ମୟୂରଭଞ୍ଜ ଜିଲାରେ ଶୁକ୍ରବାର ଲୋକସଭା ଓ ବିଧାନସଭାରୁ ପ୍ରାର୍ଥୀମାନେ ନାମାଙ୍କନ ଦାଖଲ କରିଛନ୍ତି। ଯଶୀପୁର ବିଧାନସଭା ଆସନ ପାଇଁ ବିଜେଡିର ଚକ୍ରଧର ହେମ୍ବ୍ରମ, ସାରସକଣା ବିଧାନସଭା ଲାଗି ବିଜେଡିର ଡା.ଦେବାଶିଷ ମାରାଣ୍ଡି, ସତ୍ୟବ୍ରତ ନାଏକ (ସ୍ୱାଧୀନ), ଭାଜପାରୁ ଭାଦବ ହାଁସଦା ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ରାଇରଙ୍ଗପୁର ବିଧାନସଭାରେ କଂଗ୍ରେସରୁ ଯୋଗେନ୍ଦ୍ର ବାନରା, ଭାଜପାରୁ ଜୋଲେନ ନାଏକ, ବାଙ୍ଗିରିପୋଷି ବିଧାନସଭାରୁ ବିଜେଡି ପ୍ରାର୍ଥୀ ରଞ୍ଜିତା ମାରାଣ୍ଡି, ଭାଜପା ପ୍ରାର୍ଥୀ ସଞ୍ଜଲୀ ମୁର୍ମୁ, ସ୍ୱାଧୀନ ପ୍ରାର୍ଥୀ ମୋହନ ହେମ୍ବ୍ରମ ଓ ଆଜସୁ ଦଳରୁ ମନରଞ୍ଜନ ହେମ୍ବ୍ରମ ନାମାଙ୍କନ ଦାଖଲ କରିଛନ୍ତି। ଉଦଳା ବିଧାନସଭାରୁ କାଳିଚରଣ ପାତ୍ର (ସ୍ୱାଧୀନ), ବିଜେଡିର ଶ୍ରୀନାଥ ସୋରେନ, ଆଜସୁ ଦଳରୁ ମଦନ ମୋହନ ମାଝୀ, କଂଗ୍ରେସରୁ ଦୁର୍ଗା ଚରଣ ଗୁଡ୍ଡୁ, ଯୋଗେନ୍ଦ୍ର ନାଥ ବାରଶାଳିଆ(ନ୍ୟାସନାଲ ଆପନି ପାର୍ଟି), ସ୍ୱାଧୀନ ଭାବେ ରାଇମଣୀ ବିଶ୍ୱାଳ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ଶ୍ରୀନାଥ ପଟୁଆରରେ ପରିକ୍ରମା କରି ନିର୍ବାଚନ ଅଧିକାରୀଙ୍କଠାରେ ନାମାଙ୍କନ ଦାଖଲ କରିଥିଲେ। ବାରିପଦା ବିଧାନସଭାରୁ ବିଜେଡି ପ୍ରାର୍ଥୀ ସାନନ୍ଦ ମାରାଣ୍ଡି, କଂଗ୍ରେସରୁ ପ୍ରମୋଦ କୁମାର ହେମ୍ବ୍ରମ ଓ ସ୍ୱାଧୀନ ଭାବେ ଦୁର୍ଗା ଚରଣ ସିଂ, ମୋରଡ଼ା ବିଧାନସଭାରୁ ବିଜେଡି ପ୍ରାର୍ଥୀ ପ୍ରୀତିନନ୍ଦା କାନୁନ୍‌ଗୋ, ବଡ଼ସାହି ନିର୍ବାଚନ ମଣ୍ଡଳୀରୁ ବିଜେଡି ପ୍ରାର୍ଥୀ ଅନୁସୟା ପାତ୍ର ଏବଂ ମୟୂରଭଞ୍ଜ ଲୋକସଭା ଆସନ ପାଇଁ ବିଜେଡି ପ୍ରାର୍ଥୀ ସୁଦାମ ମାରାଣ୍ଡି, ଜେଏମ୍‌ଏମ୍‌ର ଅଞ୍ଜନୀ ସୋରେନ ଓ ସ୍ୱାଧୀନ ଭାବେ ଅନନ୍ତ ମାରାଣ୍ଡି ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି।

## ଅଖି ମୁଠି ଅନୁକୂଳ କଲେ ସୁଦାମ-ସାନନ୍ଦ

ବାରିପଦା,୧୦।୫(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଅକ୍ଷୟ ତୃତୀୟା ଅବସରରେ ବିଜେଡି ପକ୍ଷରୁ ଚାଷୀକୁଳର ଉତ୍ତରୋତ୍ତର ଉନ୍ନତି କାମନା କରି ଅଖି ମୁଠି ଅନୁକୂଳ କରାଯାଇଛି। ଏହି ଅବସରରେ ବାରିପଦା ବ୍ଲକ ଅନ୍ତର୍ଗତ ରଜାବସା ଗ୍ରାମ ପଞ୍ଚାୟତର କୁକୁଡ଼ାଯୋଡ଼ି ଗ୍ରାମରେ ମୟୂରଭଞ୍ଜ ଲୋକସଭା ଏମ୍‌ପି ପ୍ରାର୍ଥୀ ସୁଦାମ ମାର୍ଣ୍ଡି ଓ ବାରିପଦା ବିଧାୟକ ପ୍ରାର୍ଥୀ ସାନନ୍ଦ ମାର୍ଣ୍ଡି ପୂଜାର୍ଚ୍ଚନା କରି ଅଖି ମୁଠି ଅନୁକୂଳ କରିଥିଲେ। ଏହି ଅବସରରେ ସୁଦାମ ଓ ସାନନ୍ଦ ହଳ ଲଙ୍ଗଳ ବୁଲାଇ ଚାଷ କାର୍ଯ୍ୟ ଅନୁକୂଳ କରିବା ସହ ଚାଷୀମାନଙ୍କର ଶୁଭ ମନାସି ଥିଲେ। ଜିଲାର ଏହି ଦୁଇ ବରିଷ୍ଠ ଆଦିବାସୀ ନେତା ପାରମ୍ପରିକ ବେଶ ପୋଷାକରେ ବିଲରେ ଧାନ ବିହନ ବୁଣିଥିଲେ।



ବିହନ ବୁଣିବା ପୂର୍ବରୁ ସୁଦାମ ମାର୍ଣ୍ଡି ଓ ସାନନ୍ଦ ମାର୍ଣ୍ଡି ବିଲରେ ହଳ ବୁଲାଉଛନ୍ତି।

# ଶୀତଳ ହେଲା ଶିମିଳିପାଳ

### ବାରିପଦାରେ ସର୍ବାଧିକ ୫୧ ମି.ମି.ବର୍ଷା

ବାରିପଦା,୧୦।୫(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ସବୁଜ ବନାନୀରେ ପରିପୂର୍ଣ୍ଣ ପ୍ରକୃତି ରାଣୀ ଶିମିଳିପାଳକୁ ପ୍ରାକୃତିକ ବର୍ଷାରୁ ସୁରକ୍ଷା ମିଳିଛି। ଶୀତଳ ହୋଇଛି ଅଭୟାରଣ୍ୟ ବନାଗ୍ନି। ଦୀର୍ଘ ୫୦ଦିନ ଧରି ଜଳୁଥିବା ଶିମିଳିପାଳ ଅଭୟାରଣ୍ୟରେ ବର୍ଷା ଯୋଗୁ ନିଆଁ ପ୍ରଶମିତ ହୋଇଛି। ଫଳରେ କର୍ମଚାରୀମାନଙ୍କୁ ସାମାନ୍ୟ ଆଶ୍ୱସ୍ତି ମିଳିଥିବା ବେଳେ ପରିବେଶବିତ୍‌ମାନେ ଖୁସି ପ୍ରକଟ କରିଛନ୍ତି। ଜିଲାରେ ଗୁରୁବାର ସନ୍ଧ୍ୟାରେ କାଳବୈଶାଖୀ ସହ ପ୍ରବଳ ବର୍ଷା ହୋଇଥିଲା । ଏକ ଘଣ୍ଟାରୁ ଊର୍ଦ୍ଧ୍ୱ ବର୍ଷା ହେବାରୁ ବାରିପଦା ସହର ଜଳାର୍ଣ୍ଣବ ହୋଇପଡ଼ିଥିଲା। ବାରିପଦାରେ ସର୍ବାଧିକ ୫୧.୮୧ ମି.ମି. ବର୍ଷା ରେକର୍ଡ ହୋଇଥିବା ବେଳେ ଶିମିଳିପାଳ ଅଭୟାରଣ୍ୟର ଉତ୍ତର ପିଠାବଟାରେ ୮.୮୯ ମି.ମି. ଦକ୍ଷିଣରେ ୯.୬୫ ମି.ମି., ନଅଁଣା ସାଉଥ୍‌ରେ ୬.୪୦ ମି.ମି., ନଅଁଣା ନର୍ଥରେ ୪୮ମି.ମି., ଡୁକୁରାରେ ୫୦.୮୦ମି.ମି., ବରେହିପାଣି ଅଞ୍ଚଳରେ ୨୦.୦୬ ମି.ମି., କୁଳିପାଳରେ ୩୧.୪୯ ମି.ମି., ଭଞ୍ଜବସାରେ ୫.୩୩ ମି.ମି., ଉପର ବାରହାକାମୁଡ଼ାରେ ୨.୨୦ ମି.ମି., ଜେନାବିଲରେ ୧୧.୬୮ ମି.ମି., ପୋଡାଡିହାରେ ୬.୮୫ ମି.ମି., ସାତକୋଶିଆରେ ୪.୫୭ ମି.ମି., ଠାକୁରମୁଣ୍ଡାରେ ୨.୫୪ ମି.ମି., କେନ୍ଦୁମୁଣ୍ଡିରେ ୩୧.୭୫ ମି.ମି., ଜେନାବିଲରେ ୧୧.୬୮ ମି.ମି., କବାଟଘାଇରେ ୩୧.୭୫ ମି.ମି., ଚହଲାରେ ୫.୮୦ ମି.ମି., ରାମତୀର୍ଥରେ ୮.୮୯ମିମି ବର୍ଷା ହୋଇଥିବା ନେଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଉତ୍ତର ଡିଭିଜନର ଉପନିର୍ଦ୍ଦେଶକ ସାଇ କିରଣ ପ୍ରକାଶ କରିଛନ୍ତି । ତେବେ ବର୍ଷା ପାଇଁ ଶିମିଳିପାଳ ଅଭୟାରଣ୍ୟରେ ନିଆଁ ଲିଭିଥିବାରୁ ଜିଲାବାସୀଙ୍କୁ ଉତ୍ତାପରୁ ଆଶ୍ୱସ୍ତି ମିଳିଛି। ଏନେଇ ପରିବେଶବିତ ଭାନୁମିତ୍ର ଆଚାର୍ଯ୍ୟ କୁହନ୍ତି, ଶିମିଳିପାଳ ଅଭୟାରଣ୍ୟରେ ପ୍ରତି ବର୍ଷ ନିଆଁ ଲାଗିବା ନୂଆ ଘଟଣା ନୁହେଁ। ଖରାଦିନେ ନିଆଁ ଲାଗିବା ଓ ତାକୁ ତୁରନ୍ତ ଆୟତ୍ତ କରିବାରେ ସ୍ଥାନୀୟ ଲୋକଙ୍କ ସହଯୋଗ ରହିଥାଏ । ବନ କର୍ମଚାରୀଙ୍କ ସହ ମିଳିମିଶି ଖୁବ୍ ଶୀଘ୍ର ନିଆଁକୁ ଲିଭାଇବା ସହ ଶିକାରକୁ ରୋକିବାରେ ଲୋକେ ସାହାଯ୍ୟ କରିଥାନ୍ତି। ଜଙ୍ଗଲଜାତ ଦ୍ରବ୍ୟ ଉପରେ ନିର୍ଭର କରି ପରିବାର ଭରଣ ପୋଷଣ କରୁଥିବା ଲୋକମାନେ ହିଁ ଜଙ୍ଗଲ ସୁରକ୍ଷାରେ ନିଜକୁ ନିୟୋଜିତ କରିଥାନ୍ତି। ମାତ୍ର ୨୦୧୬ ପରଠାରୁ ବନ ବିଭାଗର କଟକଣା ଓ ସମ୍ପର୍କ ବିଚ୍ଛିନ୍ନ ହେବାରୁ ଲୋକେ ଅସହଯୋଗ ଆରମ୍ଭ କରିଛନ୍ତି। ବିଭାଗ ପକ୍ଷରୁ ସ୍ଥାନୀୟ ବନବାସୀ ଓ ଅଞ୍ଚଳବାସୀଙ୍କ ସହ ସୁସମ୍ପର୍କ ସ୍ଥାପନ କରିବା ସହ ସଚେତନତା ସୃଷ୍ଟି କଲେ ବନାଗ୍ନିକୁ ସହଜରେ ରୋକାଯାଇପାରିବ ବୋଲି କହିଛନ୍ତି । ସେହିପରି ଜଙ୍ଗଲ ଉପରେ ନିର୍ଭର କରୁଥିବା ଲୋକମାନଙ୍କୁ ରୋଜଗାରର ପନ୍ଥା ଯୋଗାଇ ଦିଆଗଲେ ଅଭୟାରଣ୍ୟ ସୁରକ୍ଷାରେ ସୈନିକ ଭାବେ କାର୍ଯ୍ୟ କରିବେ ବୋଲି ଭଞ୍ଜସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ଦାବି କରିଛନ୍ତି ।




## ଜେଏମ୍‌ଏମ୍‌ର କର୍ମୀ ସମାବେଶ

ରାଇରଙ୍ଗପୁର,୧୦।୫(ମାନସ ମହାନ୍ତି): ରାଇରଙ୍ଗପୁରର ମହୁଲଡିହା ଖେଳ ପଡ଼ିଆ ପରିସରରେ ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା (ଜେଏମଏମ)ର କର୍ମୀ ସମ୍ମିଳନୀ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଝାଡ଼ଖଣ୍ଡ ମୁଖ୍ୟ ମନ୍ତ୍ରୀ ଚମ୍ପେଇ ସୋରେନ ଏବଂ ପୂର୍ବତନ ମୁଖ୍ୟ ମନ୍ତ୍ରୀ ହେମନ୍ତ ସୋରେନ ସ୍ତ୍ରୀ କଳ୍ପନା ସୋରେନ ପ୍ରମୁଖ ଯୋଗଦେଇ କେନ୍ଦ୍ରର ଭାଜପା ଏବଂ ରାଜ୍ୟ ବିଜେଡି ସରକାରଙ୍କ କାର୍ଯ୍ୟକଳାପକୁ ତୀବ୍ର ସମାଲୋଚନା କରିଥିଲେ। ଚଳିତ ନିର୍ବାଚନରେ ଭାଜପା ଏବଂ ବିଜେଡିକୁ ଭୋଟ ନ ଦେବା ପାଇଁ କହିଥିଲେ। ସମାବେଶରେ ରାଇରଙ୍ଗପୁର ଏବଂ ସାରଶକଣା ନିର୍ବାଚନ ମଣ୍ଡଳୀର ପ୍ରାର୍ଥୀ ଏବଂ ମହିଳା ଓ ଯୁବ କର୍ମୀମାନେ ଯୋଗ ଦେଇଥିଲେ।

# ଚାରା ରୋପଣରେ ଅନିୟମିତତା

### ଡିଏଫ୍‌ଓଙ୍କୁ ଅଭିଯୋଗ ପତ୍ର ପ୍ରଦାନ

ବାରିପଦା,୧୦।୫(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ବନଖଣ୍ଡ ଅଧୀନରେ ବନ ବିଭାଗ ପକ୍ଷରୁ ଚାରା ରୋପଣରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ ଅଭିଯୋଗ ହୋଇଛି। ଏନେଇ ଓଡ଼ିଶା ସୂଚନା ଅଧିକାର ଅଭିଯାନ ପକ୍ଷରୁ ବାରିପଦା ବନଖଣ୍ଡ ଅଧିକାରୀ ଆମାଜୁରେ ଉମା ମହେଶଙ୍କୁ ବାରିପଦାସ୍ଥିତ କାର୍ଯ୍ୟାଳୟରେ ଦାବିପତ୍ର ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ, ବାରିପଦା ବନଖଣ୍ଡ ଅନ୍ତର୍ଗତ ଶଙ୍ଖାଭଙ୍ଗାସ୍ଥିତ ସେଣ୍ଟ୍ରାଲ ନର୍ସରୀରେ ଚାରା ରୋପଣରେ ଅନିୟମିତତା ସହ ବ୍ୟାପକ ଦୁର୍ନୀତି ହୋଇଥିବା ସୂଚନା ଅଧିକାର ଆଇନ ମାଧ୍ୟମରେ ଜଣାପଡିଛି। ଶଙ୍ଖାଭଙ୍ଗା ସେଣ୍ଟ୍ରାଲ ନର୍ସରୀ ଦାୟିତ୍ୱରେ ଥିବା ଫରେଷ୍ଟର ଚଞ୍ଚକତା କରି ନର୍ସରୀ କାମରେ ନିୟୋଜିତ ହୋଇ ନ ଥିବା ଲୋକମାନଙ୍କୁ ଶ୍ରମିକ ଦର୍ଶାଇଛନ୍ତି। ଏଥି ସହିତ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟ ପାଶ ବୁକ ଜରିଆରେ ଟଙ୍କା ଉଠାଣ କରି ଲକ୍ଷାଧିକ ଟଙ୍କା ହଡ଼ପ କରିଥିବା ଅଭିଯୋଗ କରିଛନ୍ତି। ଅଭିଯୋଗର ତଥ୍ୟ ସହିତ ଉକ୍ତ ପାଶ ବୁକ୍ ଧାରୀମାନଙ୍କ ସହିତ ଓଡ଼ିଶା ସୂଚନା ଅଧିକାର ଅଭିଯାନ ମୟୂରଭଞ୍ଜ ଜିଲା ଶାଖାର ଆବାହକ ସନ୍ତୋଷ ମହାନ୍ତି, ସୂଚନା ଅଧିକାର କର୍ମୀ ମହେଶ୍ୱର ମହାନ୍ତି, ଲକ୍ଷ୍ମଣ ମାର୍ଣ୍ଡି, ରବିନ୍ଦ୍ର ସି, ରୁକ୍ମଣି ସିଂ, ସୁନାରାମ ଟୁଡୁ, ବାର୍ସା ଟୁଡୁ ଏବଂ ଅନ୍ୟମାନେ ଡିଏଫଓଙ୍କୁ ଭେଟି ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ସେମାନଙ୍କ ମଧ୍ୟରୁ ଦୃଷ୍ଟି ବାଧିତ ଭିନ୍ନକ୍ଷମ, ବାର୍ଦ୍ଧକ୍ୟ ଭତ୍ତା ହିତାଧିକାରୀ କାମରେ ନିୟୋଜିତ ହୋଇଥିବା ଦର୍ଶାଇ ମିଥ୍ୟା ବିଲ୍ ପାସ କରାଯାଇଥିବା ସୂଚନା ମିଳିଛି। ଏ ସମ୍ପର୍କରେ ଡିଏଫ୍‌ଓଙ୍କୁ ପଚାରିବାରୁ ଖୁବ୍ ଶୀଘ୍ର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବେ ବୋଲ କହିଛନ୍ତି।

## ୧୨୦୦ ଲିଟର ଦେଶୀ ମଦ ଜବତ

ମୋରଡ଼ା,୧୦।୫(ସ୍ମାରକ ମାଝୀ)-ମୟୂରଭଞ୍ଜ ଜିଲା ମୋରଡ଼ା ଅବକାରୀ ବିଭାଗ ଗୁରୁବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୧୨୦୦ ଲିଟର ଦେଶୀ ମଦ ଜବତ ସହ ୩ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଭାତଛତର ଗ୍ରାମର ରାମଚନ୍ଦ୍ର ମୁର୍ମୁ, ନୂଆଖାଲିଆ ଗ୍ରାମର ବନମାଳୀ ପାତ୍ର ଓ ସମାଇଡ଼ିହି ଗ୍ରାମର ସନ୍ଧ୍ୟାରାଣୀ ଦେଇ।

ଅବକାରୀ ଅଧିକାରୀ ବ୍ରଜମୋହନ ମଲ୍ଲିକଙ୍କ ସୂଚନା ଅନୁଯାୟୀ, ବିଭାଗୀୟ କର୍ମଚାରୀମାନେ ମୋରଡ଼ା ବ୍ଲକର ସମାଇଡ଼ିହି ଗ୍ରାମରେ ବେଆଇନ ଭାବେ ଚାଲିଥିବା ଏକ ଦେଶୀ ମଦ ଭାଟି ଉପରେ ଅଚାନକ ଚଢ଼ାଉ କରି ୧୬୦୦ ଲିଟର ମହୁଲ ପୋଚ ନଷ୍ଟ କରିବା ସହିତ ୧୨୦୦ଲିଟରର ଦେଶୀ ମଦ ଜବତ କରିଥିଲେ। ଏଥି ସହିତ ମଦ ତିଆରି ପାଇଁ ବ୍ୟବହୃତ ୩୨ଟି ପ୍ଲାଷ୍ଟିକ ଡ୍ରମ୍ ମଧ୍ୟ ଜବତ ହୋଇଛି। ଖବର ପାଇ ମଦ ବେପାରୀମାନେ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ସେହିପରି ଉକ୍ତ ଗ୍ରାମର ସନ୍ଧ୍ୟାରାଣୀ ଦେଇଙ୍କଠାରୁ ୧୯ ଲିଟର ଦେଶୀ ମଦ ସହିତ ଏକ ସାଇକେଲ ଜବତ ହୋଇଥିବା ଅବକାରୀ ବିଭାଗ ସୂଚନା ଦେଇଛି।

## ତ୍ରିନାଥ ମନ୍ଦିରର ପ୍ରତିଷ୍ଠା ଉତ୍ସବ

ଗୋପବନ୍ଧୁ ନଗର, ୧୦।୫ (ଶାନ୍ତନୁ କୁମାର ମଣ୍ଡୁଆଲ)- ଗୋପବନ୍ଧୁ ନଗର ବ୍ଲକ ପୁରୁଣା ବାରିପଦା ଅଗ୍ନିଶମ ବିଭାଗ କାର୍ଯ୍ୟାଳୟ ପରିସରରେ ଅକ୍ଷୟ ତୃତୀୟା ଅବସରରେ ଶୁକ୍ରବାର ତ୍ରିନାଥ ଦେବଙ୍କ ମନ୍ଦିରର ତୃତୀୟ ବାର୍ଷିକ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟାଳୟର ମୁଖ୍ୟ ପ୍ରମୋଦ କୁମାର ନାୟକ ଓ ତାଙ୍କ ସ୍ତ୍ରୀ ସଂଯୁକ୍ତା କର୍ତ୍ତା ଭାବେ କାର୍ଯ୍ୟ ତୁଲାଇଥିଲେ। ମନ୍ଦିର ପୂଜକ ତାପସ ଆଚାର୍ଯ୍ୟ ଓ ମୁଖ୍ୟ ପୁରୋହିତ ନିଶାକର ଆଚାର୍ଯ୍ୟଙ୍କ ଦ୍ୱାରା ପୂଜା ପାଠ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ସକାଳେ ସୂର୍ଯ୍ୟ ପୂଜା, ଚଣ୍ଡୀପାଠ, ହୋମ ଯଜ୍ଞ ଆଦି କାର୍ଯ୍ୟ ହୋଇଥିଲା। ମହିଳାମାନଙ୍କ ଦ୍ୱାରା ବେଦମନ୍ତ୍ର ପାଠ କରାଯାଇଥିଲା। ବହୁ ଭକ୍ତ ଯୋଗଦେଇ ଠାକୁରଙ୍କ ଆଶୀର୍ବାଦ ନେବା ସହ ପ୍ରସାଦ ସେବନ କରିଥିଲେ। କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ପୂଜା କାର୍ଯ୍ୟରେ ସହଯୋଗ କରିଥିଲେ।

